# ଷଷ୍ଠ ସର୍ଗ



*ଅଥ ତାଂ ଗନ୍ତୁମଶକ୍ତାଂ ଚିରମନୁରକ୍ତାଂ ଲତାଗୃହେ ଦୃଷ୍ଟା।*
*ତଚ୍ଚରିତଂ ଗୋବିନ୍ଦେ ମନସିଜମନ୍ଦେ ସଖୀ ପ୍ରାହ।*

ରାଧିକାକୁ ରଖାଇ ସେ ଚଳିଲା ତରୁଣୀ। ମିଳିଲା ଗୋବିନ୍ଦ ପାଶେ ସଖୀ ଦୁଃଖ ଘେନି।
ଶୁଣ ତୁ ମାଧବ ! ରାଧା ଅତ୍ୟନ୍ତ ବିରହୀ। ତୋର ପାଶେ ଆସିବାକୁ ଅସକତ ଦେହୀ।
ଚିରକାଳୁ ତୋର ଅନୁରାଗିଣୀ ତରୁଣୀ। ତୋହର ଚରିତମାନ ଦିବାନିଶି ଗୁଣି।

ଏହାପରେ ସଖୀ ସଙ୍କେତିତ ଲତାକୁଞ୍ଜରେ ବିରହବିଧୁରା ରାଧାଙ୍କୁ, ଶ୍ରୀକୃଷ୍ଣଙ୍କ ନିକଟକୁ ଅଭିସାରରେ ଗମନ କରିବା ପାଇଁ ଅସମର୍ଥ ହୋଇଥିବାର ଦେଖି, କାମପୀଡ଼ାରେ ଅବସନ୍ନ ଗୋବିନ୍ଦଙ୍କ ନିକଟରେ ତା'ର (ଶ୍ରୀରାଧାଙ୍କର) ଚରିତ ବର୍ଣ୍ଣନା କରି କହିଲା, ଅର୍ଥାତ୍ ଶ୍ରୀରାଧିକାଙ୍କ ଅସମର୍ଥତା ସମ୍ବନ୍ଧରେ ବୁଝାଇ କହିଲା।

*Vaikuṇṭha, the Solicitous One Seeing her powerless to leave her retreat of vines, the maid describes her condition to Gobinda who already lies helpless tormented by passion.*



*ପଶ୍ୟତି ଦିଶି ଦିଶି ରହସି ଭବନ୍ତମ୍।*
*ତଦଧର-ମଧୁର-ମଧୂନି ପିବନ୍ତମ୍।*
*ନାଥ ହରେ ସୀଦତି ରାଧା ବାସ-ଗୃହୋଦ୍ଧ୍ରୁବଂ।*

ମନ୍ଦ ମନସିଜ ତା'ର ଦହଇ ଯେ ମନ। ଲତାଗୃହେ ଦେଖିଲି ସୁତନୁ ଅତି କ୍ଷୀଣ।
ବସିଣ ଚାହିଁଇ ସଖୀ ସେ ସକଳ ଦିଶା। ତୋହର ମଧୁରାଧର ପାନେ ପ୍ରତିଆଶା।
ବିଶଦ କୁଞ୍ଜସଦନେ ବସିଛି ସୁନ୍ଦରୀ। ତବ ନାମ ଗୁଣ ଜପମାଳା କରେ ଧରି।

ହେ ଅନାଥର ନାଥ ହରି, ରାଧା ଲତାକୁଞ୍ଜରେ ବହୁ କଷ୍ଟ ପାଉଛି। ସେ ଏକାନ୍ତରେ ତୁମକୁ ପାଇବା ପାଇଁ ନିତାନ୍ତ ବ୍ୟସ୍ତ ହୋଇ ଦଶଦିଗକୁ ବାରମ୍ବାର ଚାହୁଁଛି। କଳ୍ପନାରେ ତୁମରି ଅଧର ମଧୁକୁ ପାନକରି ବିଭୋର ହୋଇଯାଉଛି। ଏପରି ଅବସ୍ଥାରେ ତାହାକୁ ରକ୍ଷାକରିବା ତୁମର ଏକାନ୍ତ କର୍ତ୍ତବ୍ୟ।

*She looks for you in all directions, wanting to drink elixir from Your lips.*
*In her garden retreat Rādhā suffers alone, 0 Lord Hari.*

*ତ୍ୱଦଭିସରଣ-ରଭସେନ ବଳନ୍ତୀ।*
*ପତିତ ପଦାନି କିୟନ୍ତି ଚଳନ୍ତୀ।*

ତୁମ୍ଭ ପାଶେ ଆସିବାକୁ ବହୁ ଇଚ୍ଛା କରି। ଅତିକଷ୍ଟେ ଉଠଇ ରଭସେ ସହଚରୀ।
ଧୀର ଧୀର ହୋଇ ତବ ଆଶେ ଅନୁସରେ। ଚରଣେ ଚଳିନପାରି ପଡ଼ଇ ଭୂମିରେ।

ହେ ଶ୍ରୀକୃଷ୍ଣ, ମୋ' ସଖୀ ତୁମ ନିକଟକୁ ଆସିବା ଲାଗି ବ୍ୟଗ୍ର ହୋଇ ଆସିବାକୁ ଉଦ୍ୟମ କରି ଦୁଇ ଚାରି ପହଣ୍ଡ ଚାଲିବା ପରେ ନିତାନ୍ତ ଦୁର୍ବଳ ହେତୁରୁ ପୁଣି ତଳେ ପଡ଼ିଯାଉଛି। ଏପରି ଅବସ୍ଥାରେ ସେ ତୁମ ପାଖକୁ ଆସିବ କିପରି?

*In her eagerness to meet You, she takes a few steps,*
*but stumbles and falls down, soon after.*



*ବିହିତ-ବିଶଦ-ବିଶ-କିଶଳୟ-ବଳୟା।*
*ଜୀବତି ପରମିହ ତବ ରତି-କଳୟା।*

ହେ ମାଧବ ! ରାଧା ତୁମ୍ଭ ବିରହ ତାପରେ।
ବଳୟ କରିଛି ନବ ମୃଣାଳ ପତ୍ରରେ।
ତୁମ୍ଭ କେଳି ବିଳାସକୁ ମନରେ ସୁମରି।
ବଞ୍ଚିରହିଛି ତୁମ୍ଭର ପଥ ଅନୁସରି।

ହେ ମାଧବ, ସେ ତୁମ ବିରହତାପରେ ସଢ଼ିଯାଇ ନିର୍ମଳ ନୂତନ ମୃଣାଳ ପତ୍ରକୁ ବଳୟରୂପେ କରଯୁଗଳରେ ଧାରଣକରିଛି ଏବଂ ତୁମରି ରତିକେଳି-ବିଳାସକୁ ସ୍ମରଣ କରି କୌଣସିମତେ ବଞ୍ଚିରହିଛି।

*She wears a bracelet of tender lotus shoots to keep herself cool.*
*She lives only for the bliss of sensuous dalliance with you.*

*ମୁହୁରବଲୋକିତ-ମଣ୍ଡନ-ଲୀଳା।*
*ମଧୁରିପୁରହମିତି ଭାବନଶୀଳା।*

ତୁମ୍ଭ ମୁକୁଟ-କୁଣ୍ଡଳ ଆଦି ଅଳଙ୍କାରେ।
ପିନ୍ଧଇ ରାଧା-ସୁନ୍ଦରୀ ବିରହ କାତରେ।
ଭୂଷଣ ହୋଇ ଅଙ୍ଗକୁ ଚାହିଁଇ ଅଙ୍ଗନା।
ମଧୁରିପୁ ବୋଲି ମନେ କରଇ ଭାବନା।

ହେ ମାଧବ ! ମୋ' ସଖୀ ଗୋପନରେ ତୁମରି ମୁକୁଟ-କୁଣ୍ଡଳ ଆଦି ଭୂଷଣରେ ଭୂଷିତା ହୋଇ, ନିଜକୁ ମଧୁରିପୁ ଅର୍ଥାତ ତୁମେ ବୋଲି ଭାବି ଆନନ୍ଦିତା ହେଉଛି।

*Wearing Your ornaments she fancies herself in contemplation as Madhu's foe.*



*ଦ୍ୱରିତମୁପୈତି ନ କଥମଭିସାରମ୍।*
*ହରିରିତି ବଦତି ସଖୀମନୁବାରମ୍।*

ପଚାରଇ ସଖୀକି ସଙ୍କେତସ୍ଥାନେ ମୋର। ନଇଲେ ଦ୍ୱରିତେ କିମ୍ପା ସେ ନବନାଗର।
ଏତେ କହି ଅସ୍ଥିର ହୋଇଣ ସେ ସୁନ୍ଦରୀ। ବାର ବାର ବୋଲୁଅଛି ରଖ ହେ ମୁରାରୀ।

ହେ ମାଧବ, ସେ ବ୍ୟଗ୍ର ହୋଇ ବାରମ୍ବାର ସଖୀକୁ ପଚାରୁଛି - ଏତେବେଳ ଯାଏଁ କାହିଁକି ଶ୍ରୀହରି ମୋ' କୁଞ୍ଜସଦନକୁ ଅଭିସାରରେ ଆସିଲେ ନାହିଁ।

*Out of desperation she asks her friends time*
*and again why Hari does not come quickly to meet her.*



*ଶ୍ଲିଷ୍ୟତି ଚୁମ୍ବତି ଜଳଧର-କଳ୍ପମ୍।*
*ହରିରୁପଗତ ଇତି ତିମିରମନଳ୍ପମ୍।*

ଗହନତିମିର କୁଞ୍ଜଭୁବନକୁ ଦେଖି।
ତୋର ରୂପ ବୋଲି ସଖୀ କରଇଟି କୋଳ।

ଜଳଧର ପ୍ରାୟେ ତବ ରୂପ ଉପଲକ୍ଷି।
ଶୂନ୍ୟକୁ ଚୁମ୍ବନ ଦେଇ ହୁଅଇ ସେ ଭୋଳ।

ହେ ମାଧବ, ଶ୍ରୀହରି ଆସିଲେ ବୋଲି ମନେକରି,
ସେ ନବଜଳଧର ସଦୃଶ ସାନ୍ଦ୍ର ତଥା ନିବିଡ଼ ଅନ୍ଧକାରକୁ ଭ୍ରମବଶତଃ ଆଲିଙ୍ଗନ କରି ଚୁମ୍ବନ ଦେଉଛି।

*She embraces and kisses the cloud-like dense darkeness*
*of the night thinking Hari has arrived.*

*ଭବତି ବିଳମ୍ବିନୀ ବିଗଳିତ-ଲଜ୍ଜା।*
*ବିଳପତି ରୋଦିତି ବାସକସଜ୍ଜା।*

ତବ ପ୍ରେମରସେ ଭୋଳ ହୋଇଛି ତରୁଣୀ।
ତୋର ଗମନେ ବିଳମ୍ବ ଦେଖି ଚାରୁମୁଖୀ।

କୁଞ୍ଜଗୃହେ ଶେଯପାତି ଚାହେଁ ପୁଣି ପୁଣି।
ଲଜ୍ଜା ଛାଡ଼ି ବିଳପି ରୋଦନ କରେ ସଖୀ।

ହେ କେଶବ, ତୁମ ସହିତ ମିଳିତ ହେବା ପାଇଁ ସେ ବ୍ୟଗ୍ର ହୋଇପଡ଼ିଛି। ତୁମଗମନର ବିଳମ୍ବ ଦେଖି ସେ ଲୋକଲାଜ ଛାଡ଼ି, ତୁମରି ଆଗମନ ଉଦ୍ଦେଶ୍ୟରେ କୁଞ୍ଜମଧ୍ୟରେ ଶେଯ ସଜାଡ଼ିଥିବା ରାଧା ତୁମ ଗୁଣ ଗୁଣି ରୋଦନ କରୁଛି।

*While You idle here, she laments and sobs,*
*and arranges the bed in her abode abandoning all her modesty.*



*ଜୟଦେବ-କବେରିଦମୁଦିତମ୍।*
*ରସିକ-ଜନଂ ତନୁତାମତି ମୁଦିତମ୍।*

ଶ୍ରୀଜୟଦେବ କବିଙ୍କ ରଚିତ ଏ ଗୀତ।     ଗାନେ ରସିକଙ୍କ ମନେ ହର୍ଷ ହେଉ ଜାତ।

ଶ୍ରୀଜୟଦେବ କବିଙ୍କ ରଚିତ ଏହି ମଧୁମୟ ଗୀତ ରସିକଜନମାନଙ୍କ ଦୃଦୟରେ ଆନନ୍ଦ ଜାତ କରାଉ।

*May the song of the poet Jaẏadeva bring joy to the worthy lovers of art.*



*ବିପୁଳ-ପୁଲକ-ପାଳିଃ ସ୍ଫୀତ-ଶୀତ୍କାରମନ୍ତ-*
*ର୍ଜନିତ-ଜଡ଼ିମ-କାକୁ-ବ୍ୟାକୁଳଂ ବ୍ୟାହରନ୍ତୀ।*
*ତବ କିତବ ବିଧାୟାମନ୍ଦ-କନ୍ଦର୍ପ-ଚିନ୍ତାଂ*
*ରସ-ଜଳଧି-ନିମଗ୍ନା ଧ୍ୟାନ-ଲଗ୍ନା ମୃଗାକ୍ଷୀ।*

---

ବିପୁଳ ପୁଲକ ଘନ ରୋମାବଳୀ ତା'ର। ଅନ୍ତର ଜଡ଼ିତ କାମ ସାତ୍ତ୍ୱିକ ବିକାର।
ବ୍ୟାକୁଳ ହୋଇଣ ବାଣୀ ନ ପାରଇ କହି। ମନସିଜ ଚିନ୍ତାତାପ କେସନକ ସହି।
ବୁଡ଼ିଲା କାମସିନ୍ଧୁରେ ଶିଶୁ ମୃଗାକ୍ଷୀ। ଶୁଣ ଶଠ ! ତବ ରୂପ ଧ୍ୟାନେ ନିରେଖି।

---

ହେ ଶଠ ନାଗର ! ମୃଗନୟନା ରାଧିକା ତୁମ ସହିତ ତା'ର କନ୍ଦର୍ପକେଳି ସ୍ମରଣପୂର୍ବକ କାମରସରୂପକ ସାଗରରେ ଉବେଇଟୁବେଇ ହେଉଛି। ତୁମରି ମନୋହର ରୂପକୁ ଧ୍ୟାନ କରି ଜଡ଼ ପାଲଟି ଯାଇଛି। ତା'ପରେ କାମବିଭ୍ରମ ଜାତ ହୋଇଥିବାରୁ ସତେ ଯେପରି, ସେ ତୁମ ସହିତ ରତିକେଳିରେ ମାତିଛି, ସେହି ପ୍ରକାର ଲକ୍ଷଣ ତା'ଠାରେ ପରିଦୃଷ୍ଟ ହେଉଛି। ତା' ଶରୀରର ରୋମାବଳୀ ଟାଙ୍କୁରି ଉଠୁଛି, ସେ ମୁଖରୁ ସିତ୍କାର ବାହାରକରୁଛି ଏବଂ ରତିକାଳୀନ ଲଜ୍ଜାଜନିତ ବଚନ କହି ବ୍ୟାକୁଳ ହେଉଛି।

---

*She is horripilating superbly with the thought of union and is pinning and wailing with a chilled heart because of desertation. O cheat, the doe-eyed beauty is meditating upon you, getting merged in the sea of Sṛṅgāra rasa.*



*ଅଙ୍ଗେଷ୍ୱାଭରଣଂ କରୋତି ବହୁଶଃ ପତ୍ରେଽପି ସଂଚାରିଣି*
*ପ୍ରାପ୍ତଂ ତ୍ୱାଂ ପରିଶଙ୍କତେ ବିତନୁତେ ଶଯ୍ୟାଂ ଚିରଂ ଧ୍ୟାୟତି।*
*ଇତ୍ୟାକଳ୍ପ-ବିକଳ୍ପ-ତଳ୍ପ-ରଚନା-ସଂକଳ୍ପ-ଲୀଳା-ଶତ-*
*ବ୍ୟାସକ୍ତାପି ବିନା ତ୍ୱୟା ବରତନୁର୍ନୈଷା ନିଶାଂ ନେଷ୍ୟତି।*

---

ପବନେ ଚଳିଲେ ପତ୍ର ଚତୁର୍ଦ୍ଦିଗେ ଚାହିଁ।
ତୋହର ଆଗମ ହେଲା ପ୍ରାୟ ମଣି ସହୀ।
କଳ୍ପନା କଲାକ ମନେ ଅତ୍ୟନ୍ତ ହରଷେ।
ଯହୁଁ ତୋତେ ନଦେଖିଲା ସେ କମଳମୁଖୀ।
ଏସନ ପ୍ରକାରେ ନିଶି ନିଅଇ କାମିନୀ।

ନାନା ଅଳଙ୍କାର ଅଙ୍ଗେ ଭୂଷିତ ହୁଅଇ।
ପତ୍ରଶଯ୍ୟାରେ ନିରେଖି ବହୁବେଳ ଧାୟି।
ଶେଯ ବିଛାଇ ବସିଲା ତବ କେଳି ଆଶେ।
ହୃଦୟରେ କ୍ଷୋଭ ଅତି କାମଶରେ ଦୁଃଖୀ।
ବାରେ ତ୍ରାହି କର ନାଥ ! ମୋ’ ବିନୟ ଘେନି।

---

ହେ ରସରାଜ ! ତୁମ ଅଙ୍ଗସଙ୍ଗ ବିନା ପ୍ରଣୟିନୀ କିପରି ରାତ୍ରି ଅତିବାହିତ କରିବ?
ଅର୍ଥାତ୍ ବିରହତାପରେ ଦଗ୍‌ଧହୋଇ ସେ ପ୍ରାଣତ୍ୟାଗ କରିବା ଅସମ୍ଭବ ନୁହେଁ। ସାମାନ୍ୟ ପତ୍ରଟିଏ ପଡ଼ି ଶବ୍ଦ ହେଲେ, ତୁମେ ଆସୁଛ ବୋଲି ମନେ ମନେ କଳ୍ପନା କରି, ସେ ଅଙ୍ଗରେ ଅଳଙ୍କାରମାନ ଧାରଣ କରୁଛି। ତୁମେ ନେପଥ୍ୟରେ ଆସୁଛ ବୋଲି ଅନୁମାନ କରି ପତ୍ରଶଯ୍ୟା ନିର୍ମାଣ କରିବା ସଙ୍ଗେ ସଙ୍ଗେ, ତୁମକୁ ନଦେଖି ନାନାପ୍ରକାର ଆଶଙ୍କା କରି, ଦୁଃଖିତ ମନରେ ସେହି ଶଯ୍ୟାକୁ ଚାହିଁ ତୁମ ବିଷୟରେ ଭାବୁଛି। ତୁମ ସଙ୍ଗମ ଫଳରେ ତା’ ମନରେ ଯେଉଁ ଶତ ଶତ ସଙ୍କଳ୍ପ ଉଙ୍କିମାରୁଛି, ତୁମକୁ ନଦେଖି ତାହା ବ୍ୟର୍ଥ ହୋଇଯାଉଛି।
ଏପରି ଭାବରେ ବିରହ ପ୍ରକଟ କରୁଥିବା ସଖୀ ମୋର ତୁମ ବିନା ରାତ୍ରି ବିତାଇବ କିପରି ?

---

*She ornaments her body elaborately. At the sound of a falling leaf that seems to announce Your arrival. She spreads out the bed and waits long meditating on your charm. She cannot survive the night unless you come Oh Kṛṣṇa.*

# ସପ୍ତମ ସର୍ଗ - ଗୀତ ୧





*ଅତ୍ରାନ୍ତରେ ତ କୁଳଟା-କୁଳ-ବର୍ତ୍ମ-ପାତ-*
*ସଂଜାତ-ପାତକ ଇବ ସ୍ଫୁଟ-ଲାଞ୍ଛନ-ଶ୍ରୀଃ।*
*ବୃନ୍ଦାବନାନ୍ତରମଦୀପୟଦଂଶୁ ଜାଲୈ-*
*ର୍ଦିକ୍-ସୁନ୍ଦରୀ-ବଦନ-ଚନ୍ଦନ-ବିନ୍ଦୁରିନ୍ଦୁଃ।*

---

ଏସନ ସମୟରେ ତହିଁ, ଉଦେ ହୋଇଲା ରଜନୀ ସାଇଁ।
ଅଭିସାରପଥ ନିରୋଧିଲା ତହୁଁ ତିଥିଦୋଷରେ କଳଙ୍କ ବହି,
ସେ ଚନ୍ଦ୍ରମା, ତା'ର ଦୀପ୍ତି କିରଣ ଆଭାସେ,
ବୃନ୍ଦାବନେ ସୁରଙ୍ଗ ପ୍ରକାଶେ, ପୂର୍ବଦିଗନାରୀ ବଦନ ତିଳକ ଚନ୍ଦନବିନ୍ଦୁ ପ୍ରକାଶେ।।

---

ଘନ ଅନ୍ଧକାର ରାତ୍ରିରେ ଜାରପୁରୁଷଙ୍କ ନିକଟକୁ ଅଭିସାର କରୁଥିବା କୁଳଟା ନାରୀମାନଙ୍କ ମାର୍ଗରୋଧ ଫଳରେ ଯେଉଁ ପାତକ ହୋଇଥାଏ, ସେହି ପାତକ କଳଙ୍କ ରୂପରେ ଯାହାଙ୍କ ଲାଞ୍ଛନ ସ୍ୱରୂପ ପ୍ରକଟ ହୋଇଛି, ସେହି ଚନ୍ଦ୍ରମା; ଦିକ୍‌ସୁନ୍ଦରୀର ଲଲାଟରେ ଚନ୍ଦନବିନ୍ଦୁ ସଦୃଶ ହୋଇ, ବୃନ୍ଦାବନର ଅଭ୍ୟନ୍ତରକୁ ନିଜ କିରଣଜାଳରେ ଉଦ୍ଦୀପିତ କରାଇ ଉଦିତ ହେଲେ।

---

*Nārāyaṇa, the Ardent Lover*
*The moon shines like a spot of sandalwood paste on the beautiful face of the eastern sky and lights up the entire forest of Vṛndāvana.*
*It seems to flaunt the stains on its body, a result of the sin it has committed by betraying the secret paths of adulterous women.*



*ପ୍ରସରତି ଶଶଧର ବିମ୍ବେ ବିହିତ-ବିଳମ୍ବେ ଚ ମାଧବେ ବିଧୁରା।*
*ବିରଚିତ-ବିବିଧ-ବିଳାପଂ ସା ପରିତାପଂ ଚକାରୋଚ୍ଚୈଃ।*

ଯହୁଁ ଶଶିବିମ୍ବ ପ୍ରକାଶିଲା, ରାଧା ତାପସିନ୍ଧୁ ଉଛୁଳିଲା।
ବିଳମ୍ବ ଦେଖି ମାଧବ ଆଗମନ ନାନା ପ୍ରକାରେ,
ବିଳାପ କଲା ସେ ସୁନ୍ଦରୀ।।

ଆକାଶରେ ଚନ୍ଦ୍ରକିରଣ ପ୍ରସାରଲାଭ କରନ୍ତେ, ଶ୍ରୀକୃଷ୍ଣଙ୍କ ଆଗମନରେ ଅତିଶୟ ବିଳମ୍ବ ହେଉଥିବାର ଦେଖି, ବିରହିଣୀ ଶ୍ରୀରାଧା, ନାନାପ୍ରକାର ଆଶଙ୍କା କରି ଉଚ୍ଚସ୍ୱରରେ ବିଳାପ କରିବାକୁ ଲାଗିଲେ।

*As she sees the moon rise and Mādhava not arrived yet, Rādhā begins to wail aloud.*



*କଥିତ-ସମୟେଽପି ହରିରହହ ନ ଯଯୌ ବନମ୍।*
*ମମ ବିଫଳମିଦମମଳ ମପି ରୂପଯୌବନମ୍।*
*ଯାମି ହେ କମିହ ଶରଣଂ ସଖୀ-ଜନ-ବଚନ-ବଞ୍ଚିତା। ଧ୍ରୁବଂ।*

ବୋଲେ କଷ୍ଟ ମୋହର ହୋଇଲା। ଯହୁଁ ହରି କେବେହେଁ ନଇଲା।।
ଯୁବା ବୟସେ ଏ ରୂପ ଯଉବନ ମୋର ସକଳ ବିଫଳ ହେଲା;
ହେ ଦଇବ ! ମୁହିଁ କାହାରେ ଶରଣ ଯିବି ? କାମଶର କେସନେ ସହିବି।
ଭଣ୍ଡିଲା ମୋତେ ସେ ସଖୀ ସହଚରୀ ଆଉ କାହାକୁ କିସ କହିବି, ହେ ଦଇବ!

ଶ୍ରୀରାଧା ବିରହଦୁଃଖରେ ବ୍ୟଥିତା ହୋଇ କହୁଛନ୍ତି - ହାୟ ! ମୁଁ ସଖୀର କହିବା ଅନୁସାରେ ବଞ୍ଚିତା ହୋଇଛି। ଶ୍ରୀକୃଷ୍ଣ ଯେଉଁ ସମୟରେ ଆସିବା ପାଇଁ କଷ୍ଟ ଦେଇଥିଲେ, ସେସମୟରେ କୁଞ୍ଜବନକୁ ଆସିଲେ ନାହିଁ। ମୋର ଏ ସୁନ୍ଦର ରୂପ, ଆଭୂଷଣ ତଥା ନବଯୌବନ ବୃଥା ହୋଇଗଲା। ଏହା କୌଣସିମତେ ନାଗରବର ଶ୍ରୀକୃଷ୍ଣଙ୍କୁ ଆକୃଷ୍ଟ କରି ପାରିଲା ନାହିଁ। ଆଉ ଏ ବନରେ କାହାଠାରେ ଶରଣ ପଶିବି ? (କିମ୍ବା ଜଳରେ ପଡ଼ି ଆତ୍ମହତ୍ୟା କରିବି ଅଥବା ବିଳାସପୂର୍ଣ୍ଣ କୁଞ୍ଜଗୃହରେ ଆଶ୍ରୟ ଗ୍ରହଣ କରିବି?)

*Hari has not come to the forest at the appointed hour.*
*My flawless beauty and Youth is of no use.*
*Whom should I turn to when my own friend has deceived me?*



*ଯଦନୁଗମନାୟ ନିଶି ଗହନମପି ଶୀଳିତମ୍।*
*ତେନ ମମ ହୃଦୟମିଦମସମ-ଶର-କୀଳିତମ୍।*

ଯାହାପାଇଁ ଅଇଲି ଏ ବନେ। ନିଶି ତିମିର ଅତି ଗହନେ।
ସେ କୃଷ୍ଣ ବିନା ଏ ହୃଦୟେ ମୋହର। କାମଶର ବିନ୍ଧେ ଅନୁକ୍ଷଣେ, ହେ ଦଇବ!

ଯାହାଙ୍କୁ ଅନୁଗମନ କରି ଭୟଙ୍କର ରଜନୀରେ ଗହନବନରେ ପ୍ରବେଶ କଲି, ସେହି କେଳିକଳାନିଧି଼ ଶ୍ରୀକୃଷ୍ଣ ମୋର ହୃଦୟକୁ କାମବାଣରେ ବିଦୀର୍ଣ୍ଣ କଲେ। ହାୟ ! ମୁଁ ଏବେ କାହାଠାରେ ଶରଣ ପଶିବି ?

*He, whom I followed to this deep forest at night,*
*has pierced my heart with arrows of love.*

*ମମ ମରଣମେବ ବରମତି ବିତଥ-କେତନା।*
*କିମିହ ବିଷହାମି ବିରହାନଳମଚେତନା।*

ଏହି, ବିଅର୍ଥ ସଙ୍କେତ ସ୍ଥାନ। ଏକାକିନୀ ମୁଁ ଘୋର ଅରଣ୍ୟ।
କୃଷ୍ଣବିନୁ ଏ' ଶରୀର ଶୂନ୍ୟ। କରୁଅଛଇ ଚିତ୍ତ ଦହନ।।
ସହି ନପାରଇ ବିରହ ଅନଳ, ସୁଖ ହୋଇବ ଗଲେ ଜୀବନ, ହେ ଦଇବ।।

ହାୟ ! ଏହି ଘନ ଅରଣ୍ୟ ମଧ୍ୟରେ ପ୍ରାଣପ୍ରିୟ ଶ୍ରୀକୃଷ୍ଣଙ୍କ ବିରହ ରୂପକ ଦାବାନଳକୁ ମୋ' ପରି ସୁକୁମାରୀ ଅବଳା ସହିବ କିପରି ? ଅର୍ଥାତ୍ ବିରହାନଳର ଜ୍ୱାଳା ମୁଁ କିପରି ସହ୍ୟ କରିବି ?
ମୋର ଏହି ଜ୍ଞାନଶୂନ୍ୟ ଶରୀରରେ ବା ଲାଭ କ'ଣ ? ଏହାଠାରୁ ମରଣ ବରଂ ଶ୍ରେୟସ୍କର।

*Death is better than this worthless life.*
*How can I endure this separation which torments me like fire?*



*ମାମହହ ବିଧୁରୟତି ମଧୁର-ମଧୁ-ଯାମିନୀ।*
*କାପି ହରିମନୁଭବତି କୃତ-ସୁକୃତ-କାମିନୀ।*

ମଧୁଯାମିନୀ ଚନ୍ଦ୍ର କିରଣ। ମୋତେ ଦୁଃଖ ଦେଇ ନାରାୟଣ।
କେବଣ କାମିନୀ ପୁଣ୍ୟଗୁଣବତୀ, ହରି। ତା' ତୁଲେ କଲେ ରମଣ, ହେ ଦଇବ !
କେଉଁ ସୁକୃତ ଫଳେ କାମିନୀ। ବସିଥିବ ହରି କୋଳେ ଘେନି।
କେଉଁ ପାପଫଳେ କରମ ଅବଳେ। ଝୁରଇ ମୁଁ ଗୁଣ ଗୁଣି, ହେ ଦଇବ !

ହାୟ, ଏହି ଆନନ୍ଦମୟ ବସନ୍ତକାଳୀନ ମଧୁଯାମିନୀ ମୋତେ ଅତ୍ୟନ୍ତ କ୍ଳେଶ ପ୍ରଦାନ କରୁଛି ଏବଂ ଅନ୍ୟ କୌଣସି ଗୋପକାମିନୀ ବହୁପୁଣ୍ୟ ଅର୍ଜ୍ଜନ କରିଥିବାରୁ, ଶ୍ରୀକୃଷ୍ଣଙ୍କୁ ପାଇ ଆଜିର ଏହି ବାସନ୍ତୀ ରଜନୀରେ ଆନନ୍ଦ ଅନୁଭବ କରୁଛି।

*I am tormented in this pleasant spring night,*
*but some other fortunate girl is enjoying Hari's favour.*

*ଅହହ କଳୟାମି ବଳୟାଦି-ମଣି-ଭୂଷଣମ୍।*
*ହରି-ବିରହ-ଦହନ-ବହନେନ ବହୁ-ଦୂଷଣମ୍।*

ଅତି ଦୁଃସହ ଭୂଷଣମାନ। ବଳୟାଦି ରତ୍ନମଣିଗଣ।
ହରିବିରହେ ଏ ବହ୍ନିର ସମାନ। ବହି ନ ପାରଇ ଅନୁକ୍ଷଣ, ହେ ଦଇବ।।

ହାୟ ! କ'ଣ କରିବି? ଶ୍ରୀକୃଷ୍ଣଙ୍କ ସନ୍ତୋଷ ବିଧାନ ନିମିତ୍ତ ମୁଁ ଏହି ରତ୍ନବଳୟ ଆଦି ଭୂଷଣ ଧାରଣକରିଥିଲି। କିନ୍ତୁ ତାଙ୍କ ବିରହରେ ଏବେ ମୋର ଶରୀର ଜଳିପୋଡ଼ିଯାଉଛି। ଏ ଅଳଙ୍କାରଗୁଡ଼ିକ ଏବେ ମୋ' ପକ୍ଷରେ ଦୋଷଯୁକ୍ତ ହୋଇଛି, ଅର୍ଥାତ୍ ଏହି ରତ୍ନଭୂଷଣ ପ୍ରିୟତମଙ୍କ ବିନା ମୋ' ପକ୍ଷରେ ଭାରସ୍ୱରୂପ ହୋଇଛି।

*The very bangles and jewels I have worn to please Hari have now become*
*a burden because of His desertion.*



*କୁସୁମ-ସୁକୁମାର-ତନୁମତନୁ-ଶର-ଲୀଳୟା।*
*ସ୍ରଗପି ହୃଦି ହନ୍ତି ମାମତି-ବିଷମଶୀଳୟା।*

---

ତନୁ କୁସୁମହୁଁ ସୁକୁମାର। ପୀଡ଼ା ଦେଉଛି ମଦନଶର।
ପୁଷ୍ପମାଳା ହୃଦେ ବହି ନ ପାରଇ,
ମନ ବିଚ୍ଛିନ୍ନ ଅତି ମୋହର, ହେ ଦଇବ !

---

ହାୟ ! ଅତି କୋମଳ ଏହି ପୁଷ୍ପମାଳା ମୋ' ହୃଦୟରେ ଲମ୍ବିତ ହୋଇ ମୋତେ ଅତ୍ୟନ୍ତ ବିଷମ ଦୁଃଖ ଦେଉଛି। ମୋର ଶରୀର ପୁଷ୍ପପରି କୋମଳ। ତେଣୁ ସେହି କୁସୁମମାଳା କାମଦେବଙ୍କ ପଞ୍ଚଶର ପରି ମୋତେ ବିଷମ କଷ୍ଟ ଦେଉଛି।

---

*And the garland of flower I wear pierces my fragile body like the arrows of the love-god.*

*ଅହମିହ ନିବସାମି ନ ଗଣିତ-ବନ-ବେତସା।*
*ସ୍ମରତି ମଧୁସୂଦନୋ ମାମପି ନ ଚେତସା।*

---

ବସି ନ ପାରଇ ଏହୁ ବନେ।   ଲତାକୁଞ୍ଜ ଭୟଙ୍କର ସ୍ଥାନେ।
ସୁମରିଣ ମଧୁସୂଦନକୁ ଚିତ୍ତେ, ମୋର ହୃଦ ଦହୁଛି ଦହନେ, ହେ ଦଇବ !
ଯାହାପାଇଁ ସହିଲି କଷଣ।   ସେହୁ ତିଳେ ନ କଲେ ସ୍ମରଣ।
ଭୁଲିଗଲେ ମୋତେ କଷ୍ଟ ଦେଇ ଏତେ, ସେହୁ ଅଟନ୍ତି ଅତି ଦାରୁଣ, ହେ ଦଇବ !

---

ହାୟ ! ମୁଁ ଏହି ଗହନବନ ମଧ୍ୟରେ ଥିବା ବେତସକୁଞ୍ଜରେ ଭୟଙ୍କରତାକୁ ଭ୍ରୂକ୍ଷେପ ନକରି, ଶ୍ରୀକୃଷ୍ଣଙ୍କ ପାଇଁ ଅପେକ୍ଷା କରି ବସିଛି। ଅଥଚ ମଧୁସୂଦନ ଶ୍ରୀକୃଷ୍ଣ ମୋତେ ଥରେହେଲେ ମନେପକାଉନାହାନ୍ତି !

---

*Here I wait among the dangerous forest reeds,*
*but Madhusūdan does not care for me at all.*



*ହରି-ଚରଣ-ଶରଣ-ଜୟଦେବ-କବିଭାରତି।*
*ବସତୁ ହୃଦି ଯୁବତିରିବ କୋମଳ-କଳାବତୀ।*

ଶିରୀ ଜୟଦେବ ଏହା ଭଣି। ହରି ସ୍ମରଣେ ମଧୁରବାଣୀ।
ସନ୍ଥଚିତ୍ତ ସେବୁ ଶ୍ରୀକୃଷ୍ଣ ଚରଣେ ସୁକୁମାରୀ କଳାବତୀ ଘେନି, ହେ ସୁଜନେ।।

ଶ୍ରୀହରିଙ୍କ ଶ୍ରୀଚରଣରେ ଶରଣ ମହାକବି ଜୟଦେବଙ୍କ ରଚନାବଳୀପୂର୍ଣ୍ଣ ଏହି ଗୀତଗୋବିନ୍ଦ, କୋମଳାଙ୍ଗୀ ଚଉଷଠି କଳାନିପୁଣା ଯୁବତୀ ପରି ରସିକଭକ୍ତଜନମାନଙ୍କର ହୃଦୟକୁ ମୋହିତକରୁ।

*Let this sacred lore of the great poet Jayadeva, who takes refuge at Hari's feet,*
*inspire the devotees like a Young woman skilled in the art of love.*



*ତତ୍ କିଂ କାମପି କାମିନୀମଭିସୃତଃ କିଂ ବା କଳା-କେଳିଭି-*
*ର୍ବଦ୍ଧୋ ବନ୍ଧୁଭିରନ୍ଧକାରିଣି ବନାଭ୍ୟର୍ଣେ କିମୁଦ୍‌ଭ୍ରାମ୍ୟତି।*
*କ୍ଳାନ୍ତଃ କ୍ଳାନ୍ତମନା ମନାଗପି ପଥି ପ୍ରସ୍ଥାତୁମେବାକ୍ଷମଃ*
*ସଂକେତୀକୃତ-ମଞ୍ଜୁ-ବଞ୍ଜୁଳ-ଲତାକୁଞ୍ଜେଽପି ଯନ୍ନାଗତଃ।*

---

ଯେବେ ନିଶ୍ଚୟ ନଇଲେ ହରି। ମୁହିଁ ଜାଣୁଅଛି ହେତୁ କରି।
କେବଣ କାମିନୀ ସଙ୍ଗତରେ ଅବା କେଳି କରୁଅଛନ୍ତି ମୁରାରି, ସେ ମାଧବ,
ଅବା ପ୍ରୀତିବନ୍ଧୁଜନମାନ, ଆସିବାକୁ କଲେ ବିରୋଧନ।
ନୋହିଲେ ଅବା ଅନ୍ଧାକାରେ ଆସନ୍ତେ ପଥେ ଭ୍ରମି ବୁଲନ୍ତି ବିପିନ,ସେ ମାଧବ,
ଅବା ତନୁ ଅଶକତ ହୋଇ, ଚାଲି ଆସିବାକୁ ବଳ ନାହିଁ।
ନୋହିଲେ ସଙ୍କେତ କୁଞ୍ଜଲତାଗୃହେ ହରି, ନଇଲେ ତ କିସ ପାଇଁ, ସେ ମାଧବ।।

---

ମୋତେ ସଙ୍କେତ ଦେଇଥିବା ମନୋହର ବେତସଲତାକୁଞ୍ଜକୁ ପ୍ରାଣପ୍ରିୟ ଶ୍ରୀକୃଷ୍ଣ ଆସିଲେ ନାହିଁ କାହିଁକି ? କେଉଁ ଗୁଣବତୀ କାମିନୀର ପ୍ରେମରେ ମାତି ସେହିଠାରେ ରାତିଟି ବିତାଇଦେଲେ କି ? ଅଥବା କେଉଁ ରସିକସଖାମାନଙ୍କ ସହ ରସକଉତୁକରେ ମାତି, ଆସିବାକୁ ଭୁଲିଗଲେ କି? ଏହା ମଧ ହୋଇପାରେ ଯେ, ଘନଘୋର ଅନ୍ଧକାରମୟ ରଜନୀରେ ଏହି ବନମଧରେ ପଥ ଭୁଲିଯାଇ ହୁଏତ ସେ ଏଣେତେଣେ ବୁଲୁଥିବେ ! ସେ ମୋ'ରି ପରି ବିରହ ବେଦନାରେ ସଢ଼ି ହୁଏତ କ୍ଳାନ୍ତ ହୋଇ, ଏତେ ଦୂର ପଥ ଅତିକ୍ରମ କରିବାରେ ଅସମର୍ଥ ହୋଇଥିବେ। ନୋହେଲେ ମୋର ପ୍ରାଣପ୍ରିୟ କାନ୍ତ କଷ୍ଟ ଦେଇ ନ ଆସିଲେ କାହିଁକି ?

---

*Has he been held back by some girl skilled in the game of love? Is he roaming blindly in the dark forest? Has the tired mind so tangled the path of my lover that he cannot find the way to this appointed place in the thicket?*



*ଅଥାଗତାଂ ମାଧବମନ୍ତରେଣ ସଖୀମିୟଂ ବୀକ୍ଷ୍ୟ ବିଷାଦ-ମୂକାମ୍।*
*ବିଶଙ୍କମାନା ରମିତଂ କୟାପି ଜନାର୍ଦ୍ଦନଂ ଦୃଷ୍ଟବଦେତଦାହ।*

ଏଥୁ ଅନନ୍ତରେ ସହଚରୀ। କୃଷ୍ଣ ସନ୍ନିଧୁ ଆସେ ଚତୁରୀ।
ସେ ରାଧାର ବିରହ ଅତିଦୁଃଖ ଦେଖି ମନେ ବିଷାଦ ଅଛି ପୂରି, ସେ ଚତୁରୀ,
ଆସି ମିଳିଲା ରାଧାର ପାଶ। ରାଧା ଦେଖିଲା ଦୂତୀ ବିରସ।
ମନେ ବିଚାରଲା ମାଧବ ନଇଲେ ଆନ ଯୁବତୀ କଲା ବିଳାସ, ସେ ଶ୍ରୀହରି !!
କୃଷ୍ଣକ୍ରୀଡ଼ା ଦେଖିଲାର ପ୍ରାୟେ। ସଖୀ ଅଗ୍ରତେ ବଚନ କହେ।
ଯେବଣ ଯୁବତୀ ରମିଲା ଶ୍ରୀପତି ତା'ର ଗୁଣ ଅବଶେଷ ନୋହେ, ଗୋ ସଜନୀ !!

ଏତିକିବେଳେ ଶ୍ରୀକୃଷ୍ଣଙ୍କୁ ସଙ୍ଗରେ ନ ଆଣି ଦୁଃଖରେ ବିଷର୍ଣ୍ଣବଦନା ତଥା କାର୍ଯ୍ୟରେ ଅସଫଳ ହୋଇଥିବାରୁ ମଉନ ଅବଲମ୍ବନ କରିଥିବା ସଖୀକୁ ଦେଖି, ଶ୍ରୀରାଧା ହଠାତ୍ ଆଶଙ୍କା କଲେ - ଶ୍ରୀକୃଷ୍ଣ ଆଉ କେଉଁ ରମଣୀ ସହିତ ରତିକ୍ରୀଡ଼ାରେ ମାତି ମୋ' ନିକଟକୁ ଆସିଲେ ନାହିଁ କି ? ସେ ସେହି ଚିନ୍ତାରେ ଏତେ ମଜ୍ଜିଗଲେ ଯେ, ଅନ୍ୟ ରମଣୀ ସହିତ ଶ୍ରୀକୃଷ୍ଣ ରତିକେଳିରେ ମାତିଥିବାର ଦୃଶ୍ୟ ତାଙ୍କ ଆଖି ଆଗରେ ଭାସିଉଠିଲା। ଶ୍ରୀରାଧା ସେହିପରି ଅବସ୍ଥାରେ ସଖୀକୁ ବ୍ୟସ୍ତ ହୋଇ କହିଲେ।

*When she sees her friend come back without Mādhava. downcast and tongue-tied, she suspects some other girl to be delighting Mādhava and speaks out.*

# ସପ୍ତମ ସର୍ଗ - ୨ୟ ଗୀତ



*ସ୍ମର-ସମରୋଚିତ-ବିରଚିତ-ବେଶା*
*ଗଳିତ-କୁସୁମ-ଦରବିଲୁଳିତ-କେଶା।*
*କାପି ମଧୁରିପୁଣା,*
*ବିଳସତି ଯୁବତିରଧିକଗୁଣା। ଧ୍ରୁବଂ।*

ସେ ଯେ ମଦନ-ସମରେ ବାମା। ତା'ର ବେଶ ତ ଆନ ଉପମା।
ରତିରସରେ ସେ ମୁକଳା-କବରୀ ଖସି ପଡୁଛି କୁସୁମସୀମା, ଗୋ ସଜନି !

ସଖି, ମୋ'ଠାରୁ ଅଧିକ ଗୁଣବତୀ ଯୁବତୀ ପ୍ରିୟତମ ଶ୍ରୀକୃଷ୍ଣଙ୍କ ସୁରତ କ୍ରୀଡ଼ାରେ ମାତିଛି। ସେ କାମିନୀ ସୁରତକାଳୀନ ବେଶଭୂଷାରେ ସଜ୍ଜିତା ହୋଇଛି। ଶ୍ରୀକୃଷ୍ଣ ସେହି କାମିନୀର କେଶ ଆକର୍ଷଣ କରି ଆଲିଙ୍ଗନ ଓ ଚୁମ୍ବନ ଦାନ କରୁଥିବାରୁ, ତା' ଗଭାରେ ଥିବା ଫୁଲଗୁଡ଼ିକ ଖସିପଡ଼ିଛି ଏବଂ କେଶବନ୍ଧନ ମଧ୍ୟ ଶିଥିଳ ହୋଇଯାଇଛି।

*She imagines that a better articulated young lash, appropriatly dressed for the war of love, with falling flowers and dishevelled hair, is having dalliance with Madhu's foe.*

*ହରି-ପରିରମ୍ଭଣ-ବଳିତ-ବିକାରା।*
*କୁଚ-କଳଶୋପରି ତରଳିତ-ହାରା।*

ହରି ଆଲିଙ୍ଗନେ ମତି ତା'ର। ହୋଇ ଅଛଇ ଚିତ୍ତ ବିକାର।
କୁଚକଳଶର ଉପରେ ଶୋଭିତ, ଢାଳେ ତରଳ ମୁକ୍ତାହାର, ଗୋ ସଜନି !

ସଖି, ସେହି ଗୁଣବତୀ କାମିନୀ ଶ୍ରୀକୃଷ୍ଣଙ୍କୁ ଆଲିଙ୍ଗନ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିବାରୁ, ତା' ଶରୀର ରୋମାଞ୍ଚିତ ହୋଇଛି ଏବଂ କଳଶ ସଦୃଶ ତା'ର ଉନ୍ନତ ସ୍ତନଯୁଗଳ ଉପରେ ମୁକ୍ତା ହାର ଚଞ୍ଚଳ ହୋଇଉଠିଛି। ଏଥିରୁ ମନେହେଉଛି, ବିପରୀତ ରତିନିପୁଣା ସେହି ନାୟିକା ଶ୍ରୀକୃଷ୍ଣଙ୍କୁ ପୁରୁଷାୟିତ ରତିକ୍ରୀଡ଼ାରେ ମୁଗ୍ଧ କରିଛି।

*She is visibly excited with intense desire to embrace Hari and her necklace dangles over her shapely breasts that look like water-pots.*



*ବିଚଳଦଳକ-ଲଳିତାନନ-ଚନ୍ଦ୍ରା।*
*ତଦଧର-ପାନ-ରଭସ-କୃତ-ତନ୍ଦ୍ରା।*

ତା'ର ଚଳନ୍ତେ ଅଳକାପନ୍ତି। ମୁଖ ଲାବଣ୍ୟ ଚନ୍ଦ୍ରମାକାନ୍ତି।
ଅପାର ପ୍ରିୟ ଅଧର ଚୁମ୍ବନରେ ତା'ର ସ୍ଥକିତ ବଦନ ଜ୍ୟୋତି, ଗୋ ସଜନି !

ସଖି, ସେହି କାମିନୀର ଚନ୍ଦ୍ର ସଦୃଶ ମୁଖମଣ୍ଡଳ ଉପରେ କୁଞ୍ଚିତ କେଶ କେରିକେରି ହୋଇ ପଡ଼ିଛି ଏବଂ ଶ୍ରୀକୃଷ୍ଣଙ୍କ ଅଧରାମୃତ ପାନକରି ସେ ତନ୍ଦ୍ରିଳ ଅଳସରେ ଘାରିହୋଇଛି।

*Curling locks caress her moon face.She is in a trance after sucking His lips ardently.*

*ଚଞ୍ଚଳ-କୁଣ୍ଡଳ-ଲଳିତ-କପୋଳା।*
*ମୁଖରିତ-ରସନ-ଜଘନ-ଗତି-ଲୋଳା।*

ବିପରୀତ ରତିରଙ୍ଗ କାଳେ। ଲୁଳେ କୁଣ୍ଡଳ ଗଣ୍ଡଯୁଗଳେ।
କଟିମେଖଳା କିଙ୍କିଣୀ ଧ୍ୱନି ଶୁଭେ, ଯହୁଁ ଜଘନଗତିଚଞ୍ଚଳେ, ଗୋ ସଜନି।।

ସଖି, ସେହି କାମିନୀର ଗଣ୍ଡଯୁଗଳରେ ତା'ର କର୍ଣ୍ଣକୁଣ୍ଡଳ ବାଜି ତାହା ବିଦଳିତ ହେଲା ପ୍ରାୟ ଦିଶୁଛି। ଆଉ ମଧ ବିପରୀତ ରତିନିପୁଣା ସେହି ରମଣୀର କଟିଦେଶରେ ଚନ୍ଦ୍ରହାର ଚଞ୍ଚଳ ହୋଇଉଠିବାରୁ, ସେଥିରୁ ମଧୁରଧ୍ୱନି ବାହାରି ବନସ୍ଥଳକୁ ମୁଖରିତ କରୁଛି।

*Quivering earrings graze her cheeks and girdle sounds with her hips' rolling motion.*





*ଦୟିତ-ବିଲୋକିତ-ଲଜ୍ଜିତ ହସିତା।*
*ବହୁବିଧ-କୂଜିତ-ରତି-ରସ-ରସିତା।*

ରତିରସରେ ରସିଲା ବାଳା।　　ନାନା ପ୍ରକାରେ ଚାଟୁ କହିଲା।
ଚାହିଁଲା ଯହୁଁ ସେ କୃଷ୍ଣ ବଦନକୁ ଦରହସିତେ ଲଜ୍ଜିତା ହେଲା, ସେ କାମିନୀ।।

ସଖି, ସେ କାମିନୀ ବିପରୀତ ରତି କାଳରେ ପ୍ରିୟତମଙ୍କ ମୁଖକୁ ଅନାଇଦେଇ, ହାସ୍ୟମିଶ୍ରିତ ଲଜ୍ଜାରେ ନିଜେ ଉତ୍‌ଫୁଲ୍ଲିତା ହୋଇଉଠୁଛି ଏବଂ ରତିଶ୍ରମ ଖେଦରେ ତା' ମୁଖରୁ ପାରାବତ ଓ କପୋତମାନଙ୍କ ଧ୍ୱନି ବାହାରି ତାହାକୁ ରତିରସରେ ରସାଣିତ କରୁଛି।

*She laughs bashfully when her lover looks at her.*
*She murmurs in a variety of sounds to heighten the pleasure of love-dalliance.*

*ବିପୁଳ-ପୁଲକ-ପୃଥୁ-ବେପଥୁ-ଭଙ୍ଗା।*
*ଶ୍ୱସିତ-ନିମୀଳିତ-ବିକସଦନଙ୍ଗା।*

ଅତି ସଘନ ବିପୁଳ ତା'ର। କମ୍ପମାନ ହୁଏ ରୋମଜାଳ।
ନିଃଶ୍ୱାସ ମରୁତ ଛାଡ଼ଇ ଦ୍ୱରିତ କିଏ ପ୍ରକାଶ କରୁଛି ମାର, ଗୋ ସଜନି !

ସଖି ! ସେ କାମିନୀର ଶରୀରରେ ରୋମାବଳୀ ଟାଙ୍କୁରି ଉଠିଥିବାରୁ, ସେ ରତିରସ ଆସ୍ୱାଦନରେ ପରିତୃପ୍ତି ଲାଭକରିଛି। ତେଣୁ ତା' ଶରୀରର ରୋମାବଳୀ ତରଙ୍ଗାୟିତ ଗତିରେ କମ୍ପିତ ହେଉଛି। ତା' ନାସାରୁ ତୃପ୍ତିଜନିତ ନିଃଶ୍ୱାସ ଓ ଅର୍ଦ୍ଧନିମୀଳିତ ନେତ୍ରଯୁଗଳରୁ ମନେହେଉଛି ତା' ମନର କାମନାବାସନା ପରିତୃପ୍ତ ହୋଇଛି।

*Her body writhes with tingling flesh and she sighs deeply as*
*she lies with her eyes closed.*



*ଶ୍ରମ-ଜଳ-କଣ-ଭର-ସୁଭଗ-ଶରୀରା।*
*ପରିପତିତୋରସି ରତି-ରଣ-ଧୀରା।*

ଶ୍ରମେ ସ୍ୱେଦଟୋପାମାନ ତା'ର।  ଏଣେ ଶୋଭିତ ଯୌବନଭାର।
ପଡ଼ି ସ୍ୱେଦନୀର କୃଷ୍ଣ ହୃଦୟର ରତିସରକୁ ଅତି ନିର୍ଭର, ସେ ତରୁଣୀ।
ରତିରଣେ ପଣ୍ଡିତା ସେ ନାରୀ।  କଉତୁକେ ରତିକେଳି ସାରି।
ବିମୁଗ୍ଧ ଅନ୍ତରେ ଶୋଇଛି ନିର୍ଭରେ ପ୍ରିୟତମବକ୍ଷକୁ ଆବୋରି, ସେ ତରୁଣୀ।

ସଖି, ସେ ସୌଭାଗ୍ୟବତୀ ନାରୀ ନିଶ୍ଚିତଭାବରେ ରତିରଣରେ ପଣ୍ଡିତା। ତେଣୁ ସେ ଦକ୍ଷତାର ସହିତ ସୁରତ କେଳି ଶେଷକରି ପ୍ରିୟତମଙ୍କ ବକ୍ଷ ଉପରେ ଶୟନକରିଛି। ରତିରସରେ ମାତିଥିବାରୁ, ଶ୍ରମରେ ତା'ର ଶରୀର ଝାଳରେ ଜୁଡୁବୁଡୁ ହୋଇଯାଇଛି। ତା' ଫଳରେ ତା'ର ସୌନ୍ଦର୍ଯ୍ୟ ଆହୁରି ବୃଦ୍ଧିଲାଭ କରିଛି।

*Drops of sweat glisten on her graceful body. She lies limp on the chest of her lover after intense sensuous congress.*



*ଶ୍ରୀଜୟଦେବ-ଭଣିତ-ହରି-ରମିତମ୍।*
*କଳିକଳୁଷଂ ଜନୟତୁ ପରିଶମିତମ୍।*

ରାଧାକୃଷ୍ଣ ରତିରସ ସାର।     ଜୟଦେବ କହିଲା ଗୀତର।।
କଳିଯୁଗ ଚିନ୍ତା ଅଘ ମହାଘୋର ନାଶକରେ ଶ୍ରୋତା-ବକତାର, ହେ ସୁଜନେ !

ମହାକବି ଶ୍ରୀଜୟଦେବଙ୍କ ବର୍ଣ୍ଣିତ ଶ୍ରୀହରିଙ୍କ ରତିକେଳିବର୍ଣ୍ଣନ ଜନମାନସରୁ କଳିଯୁଗର ପାତକ ପ୍ରଶମିତ କରୁ।

*May this account of Hari's sensuous dalliance by Jaẏadeva dispel the sins of Kaḷiẏuga.*

*ବିରହ-ପାଣ୍ଡୁ-ମୁରାରି-ମୁଖାମ୍ବୁଜ-*
*ଦ୍ୟୁତିରୟଂ ତିରୟନ୍ନପି ବେଦନାମ୍।*
*ବିଧୁରତୀବ ତନୋତି ମନୋଭୁବଃ।*
*ସୁହୃଦୟେ ହୃଦୟେ ମଦନ-ବ୍ୟଥାମ୍।*

ଦେଖ ସଖି ! ଏହୁ ଶଶଧର। ଦ୍ୟୁତି କୃଷ୍ଣବଦନ ଆକାର।
ବିରହେ ଯେହ୍ନେ ପାଣ୍ଡୁରବର୍ଣ୍ଣ ଦିଶେ ଚନ୍ଦ୍ର ଦିଶଇ ସେହିପ୍ରକାର ଗୋ ସଜନି !
ମୋର ଚେତନା ହରୁଛି ସଖି ! ମୁହିଁ ନ ପାରଇ ବିଧୁ ଦେଖି।
ମଦନସଖା ଏ ନିର୍ଦ୍ଦୟ ଅଟଇ ହୃଦ ପୀଡ଼ିତ ହେଉଛି ଦେଖି, ଗୋ ସଜନି !

ଆଗୋ ସହୃଦୟବତି ! ମୋ' ବିରହ ଦୁଃଖରେ ପାଣ୍ଡୁରବର୍ଣ୍ଣ ଦେଖାଯାଉଥିବା ଶ୍ରୀକୃଷ୍ଣଙ୍କ ମୁଖ ପରି ଶୋଭାଶାଳୀ ଏହି ଚନ୍ଦ୍ର ମୋ' ହୃଦୟଗତ ବେଦନାକୁ ଦୂର କରୁଥିଲେ ମଧ୍ୟ, ସେ କାମଦେବର ସଖା ହୋଇଥିବାରୁ ମୋ' ଅନ୍ତରରେ କାମବ୍ୟଥାକୁ ବୃଦ୍ଧିକରାଉଛି।

*Resembling the pale face of Murāri, suffering the pang of separation, the moon, a friend of Madan, shadows my mind and senses and torments me, heightening my passion for union.*

## ସପ୍ତମ ସର୍ଗ - ୩ୟ ଗୀତ



*ସମୁଦିତ-ମଦନେ ରମଣୀ-ବଦନେ ଚୁମ୍ବନ-ବଳିତାଧରେ।*
*ମୃଗମଦ-ତିଳକଂ ଲିଖତି ସପୁଲକଂ ମୃଗମିବ ରଜନୀକରେ।*
*ରମତେ ଯମୁନା-ପୁଳିନ-ବନେ ବିଜୟୀ ମୁରାରିରଧୁନା । ଧ୍ରୁବଂ।*

---

ଯମୁନାତୀରେ କୁଞ୍ଜକୁଟୀରେ ବିଜୟ କରି ହରି। ରମଣ କଲା ଯେବଣ ବାଳା ଅତି ସରାଗ କରି।
ସୁରତି ଶେଷେ ମଦନରସେ ରମଣୀବଦନରେ। ଚୁମ୍ବନ ଦେବ ବୋଲି ମାଧବ ବଳିଅଛି ଅଧରେ।
ଅଳକ ସଜ କରି ତିଳକ କସ୍ତୁରୀ ନିରିମାଣି। କି ସେ ସମ୍ପୂର୍ଣ୍ଣଚନ୍ଦ୍ର ଉପରେ କଳଙ୍କ ପ୍ରାୟ ମଣି।

---

ହେ ସଖି ! ଯମୁନାର ବାଲୁକାମୟ ପୁଲିନରେ ଶ୍ରୀକୃଷ୍ଣ ନିଃଶଙ୍କ ଚିତ୍ତରେ ବର୍ତ୍ତମାନ ଅତ୍ୟନ୍ତ ପ୍ରମୋଦରେ ରସକେଳି ଆରମ୍ଭ କରିଛନ୍ତି। ମଦନାବସ୍ଥା ଶରୀରରେ ଜାତହୋଇଥିବାରୁ, ପ୍ରିୟତମ ଶ୍ରୀକୃଷ୍ଣଙ୍କୁ ଚୁମ୍ବନ ଦେବାପାଇଁ ସଙ୍କୁଚିତ ହୋଇଛି ମୁଖମଣ୍ଡଳ ଯାହାର, ସେହି ତରୁଣୀର ଚନ୍ଦ୍ର ସଦୃଶ ବଦନମଣ୍ଡଳରେ ଶ୍ରୀକୃଷ୍ଣ କସ୍ତୁରୀରେ ଚିତ୍ର ଅଙ୍କନ କରୁଛନ୍ତି। ସେହି କସ୍ତୁରୀଚିତା ଚନ୍ଦ୍ରରେ କଳଙ୍କ ଥିବା ପରି ରମଣୀର ବଦନଚନ୍ଦ୍ରରେ ଶୋଭାପାଉଛି।

---

*Murāri the victorious one in sporting, is engaged at this hour in dalliance at the forest bowers on the sands of Ẏamunā. He is decorating the sensuous face of a young lash possessed with rising passion and desire to stamp a kiss, with deer musk, which appear like black spots on the moon.*



*ଘନ-ଚୟ-ରୁଚିରେ ରଚୟତି ଚିକୁରେ ତରଳିତ-ତରୁଣାନନେ।*
*କୁରୁବକ-କୁସୁମଂ ଚପଳା-ସୁସମଂ ରତିପତି-ମୃଗ-କାନନେ।*

---

ଅସିତ ଘନ ପଟଳ ଚାରୁ ଚିକୁର ଶୋଭା ତା'ର। ରଚିତ ଶୁଭ ସୁମଞ୍ଜ କରି ରାମା କବରୀଭାର।
କୁରୁଣ୍ଟ ସୁମନସରେ ଗଭା ମଣ୍ଡିଛି ପନ୍ତି ପନ୍ତି। ଯେସନେ ଶ୍ୟାମ ଜଳଧରରେ ତଡ଼ିତ ଲତା ଭ୍ରାନ୍ତି।
ଜାଣି ମଦନ କୁରଙ୍ଗବନ ପ୍ରାୟେକ ଶୋଭା କି ସେ। ନିର୍ମଳତର ବଦନ ତା'ର ଲାବଣ୍ୟ ରୁଚି ଦିଶେ।
ଦେଖ୍‌ଲେ ଅତି ତରଳମତି ହୋଇବେ ଯୁବାଜନ। କୃଷ୍ଣ ଯାହାକୁ ରମେ ତାହାକୁ ସମାନ ନାହିଁ ଆନ।

---

ହେ ସଖି, ସେହି ରମଣୀର କେଶପାଶ କାମଦେବରୂପକ ମୃଗର କାନନ ସଦୃଶ ଶୋଭାପାଉଛି। ସେ କେଶପାଶକୁ ଦେଖ୍‌ଲେ ତରୁଣମାନଙ୍କ ମନ ଚଞ୍ଚଳ ହୋଇଉଠୁଛି। ଆହୁରି ମଧ୍ୟ କଳାମେଘଖଣ୍ଡ ପରି ସେ କେଶପାଶ ଘନଚିକ୍କଣ ଦେଖାଯାଉଛି। ସେହି କେଶପାଶରେ ଶ୍ରୀକୃଷ୍ଣ ବିଜୁଳିପରି ସୁନ୍ଦର ତଥା ମନୋହର କୁରୁବକଫୁଲ (ସେବତୀ)କୁ ନେଇ ଗଭା ସଜାଡ଼ିଦେଉଛନ୍ତି। ତାହା ମେଘପଟଳରେ ବିଜୁଳି ପରି ଶୋଭାପାଉଛି।

---

*He decorates the rain cloud like flowing dark hairs, adorning the young face with barleria flowers which sparkle beautifully resembling lightening and in that garden of hair locks sports the consort of Rati like a deer.*





*ଘଟୟତି ସୁଘନେ କୁଚ-ଯୁଗ-ଗଗନେ ମୃଗମଦ-ରୁଚି-ରୂଷିତେ।*
*ମଣି-ସରମମଳଂ ତାରକପଟଳଂ ନଖ-ପଦ-ଶଶି-ଭୂଷିତେ।*

କଠିନ କୁଚ ସଘନ ଉଚ୍ଚ ଲେପିଲା ମୃଗମଦ। କି ଏ ଗଗନମଣ୍ଡଳେ ଉଦେ ହୋଏ ନୀଳଜଳଦ।
ତଥି ଶୋଭନ ନଖର କ୍ଷତ ନବୀନ ଇନ୍ଦୁରାଜେ। ଅମଳମଣି ମୁକୁତାହାର ତାରାମଣ୍ଡଳ ସାଜେ।

ସଖି, ସେହି ସୌଭାଗ୍ୟବତୀ କାମିନୀର ଉନ୍ନତ ସଘନ କୁଚଯୁଗଳରେ ରତିଶ୍ରମ ଅପନୋଦନ ପାଇଁ କସ୍ତୁରୀର ପ୍ରଲେପ ଦିଆଯାଇଛି। ସେହି ଆକାଶ ସଦୃଶ ବିଶାଳ ପୟୋଧର ଯୁଗଳରେ ନଖକ୍ଷତ ଅର୍ଦ୍ଧଚନ୍ଦ୍ର ପରି ଶୋଭାପାଉଛି। ଶ୍ରୀକୃଷ୍ଣ ସେ ରମଣୀକୁ ସୁରତକ୍ରୀଡ଼ାରେ ମୁଗ୍‌ଧ କରି, ତା'ର ଇଙ୍ଗିତରେ କୁଚଯୁଗଳ ଉପରେ ମୁକ୍ତାହାର ପିନ୍ଧାଇଦେଉଛନ୍ତି। ତାହା ଠିକ୍ ପ୍ରଶାନ୍ତ, ନୀଳ ତଥା ଅର୍ଦ୍ଧଚନ୍ଦ୍ର ଦ୍ୱାରା ପରିଶୋଭିତ ଗଗନରେ ତାରକାବଳୀ ସଦୃଶ ଶୋଭାପାଉଛି।

*He smears deer musk on the half-moon shaped scarlet nail marks over the domes of her swelling bosom. He arranges the bright pearls on those breasts which now look like stars in the sky.*

*ଜିତ-ବିଶ-ଶକଳେ ମୃଦୁ-ଭୁଜ-ଯୁଗଳେ କରତଳ-ନଳିନୀ-ଦଳେ।*
*ମରକତ-ବଳୟଂ ମଧୁକର-ନିଚୟଂ ବିତରତି ହିମ-ଶୀତଳେ।*

ଜିଣି ମୃଣାଳମୃଦୁ କୋମଳ ବାହୁଯୁଗଳ କି ସେ। ନବୀନ ବିକଶିତ ସରୋଜ କରତଳ ଆଭାସେ।
ମର୍କତ ଚୁଡ଼ି ଭ୍ରମର ଧାଡ଼ି ପରାୟେ ଶୋଭା ରାଜେ। ହିମହୁଁ ଅତି ଶୀତଳ କରେ ହରଷେ ହରି ଖଞ୍ଜେ।

ହେ ସଖି ! ମୃଣାଳଖଣ୍ଡ ସଦୃଶ କୋମଳ ତଥା ପଦ୍ମପତ୍ର ତୁଲ୍ୟ କରତଳଯୁକ୍ତ ସେହି ରମଣୀର ହିମପରି ଶୀତଳ କରଯୁଗଳରେ ଶ୍ରୀକୃଷ୍ଣ, ନାଡ଼ଯୁକ୍ତ ଓ ପତ୍ର ପରିଶୋଭିତ ପଦ୍ମ ଉପରେ ଭ୍ରମରମାଳା ଶୋଭା ପାଇଲା ପରି, ଇନ୍ଦ୍ରନୀଳମଣି ଖଚିତ ବଳୟ (ଚୂଡ଼ି) ପିନ୍ଧାଇଦେଉଛନ୍ତି।

*To cool down the heat of her heightened passion He adorns her lotus stalk like soft arms and petal like palms with bee-shaped dark sapphire bangles.*



*ରତି-ଗୃହ-ଜଘନେ ବିପୁଳାପଘନେ ମନସିଜ-କନକାସନେ।*
*ମଣି-ସାରସନଂ ତୋରଣ-ହସନଂ ବିକିରତି କୃତ-ବାସନେ।*

ରତିସଦନ ଘନଜଘନ ବିପୁଳ ଅତି ପ୍ରଭା। ମଦନରାୟ ଆସନ କି ଏ ଜମ୍ବୁନଦର ଆଭା।
ମର୍କତମଣି ହେମକିଙ୍କିଣୀ ମେଖଳା କଟିଦେଶେ। ଖଞ୍ଜିଲେ ହରି ମନେ ବିଚାରି ଆଚ୍ଛାଦି ଝୀନବାସେ।

ହେ ସଖି, କାମଦେବଙ୍କ ନିମିତ୍ତ ସୁବର୍ଣ୍ଣର ଆସନ ସଦୃଶ, ଶୃଙ୍ଗାରର ଆଶ୍ରୟସ୍ଥଳ ସେହି ରମଣୀର ବିପୁଳଜଘନ ଉପରେ ଶ୍ରୀକୃଷ୍ଣ ମଣିମୟ ଚନ୍ଦ୍ରହାର ପିନ୍ଧାଇ ଦେଉଛନ୍ତି। ସେହି ମଣିମୟ କାଞ୍ଚିସୂତ୍ରଟି ମନୋରମ ତୋରଣକୁ ଉପହାସ କରୁଛି। ଶ୍ରୀକୃଷ୍ଣଙ୍କ ମନକୁ ବଶୀଭୂତ କରିବା ପାଇଁ ଯେଉଁ ଜଘନ ଅତ୍ୟନ୍ତ ଆମୋଦଦାୟକ ହୋଇଛି, ଶ୍ରୀକୃଷ୍ଣ ମଣିନିର୍ମିତ ଅଣ୍ଟାସୂତା ସେହି ଜଘନରେ ପିନ୍ଧାଇଦେଇ କାମବାସନାରେ ଅଧିକରୁ ଅଧିକ ବଶୀଭୂତ ହୋଇଛନ୍ତି। (ସେହି ମେଖଳାକୁ ସୂକ୍ଷ୍ମବସ୍ତ୍ର ଉପରେ ପିନ୍ଧାଇଦେଉଛନ୍ତି।)

*On her heavy and shapely hips holding the abode of 'rati' and the golden throne of God of love, He, who creates desire for enjoyment, ties a bejweled girdle, which looks like a decorated arched bower at the entrance to the abode.*

*ଚରଣ-କିଶଳୟେ କମଳା-ନିଳୟେ ନଖ-ମଣି-ଗଣ-ପୂଜିତେ।*
*ବହିରପବରଣଂ ଯାବକ-ଭରଣଂ ଜନୟତି ହୃଦି ଯୋଜିତେ।*

ଚରଣ ନବ ପଲ୍ଲବ ରାମା ଲାବଣ୍ୟ ଶିରୀସ୍ଥାନ। ନଖ ନିର୍ମଳ ଅମଳ ମଣିଗଣ ଜ୍ୟୋତି ସମାନ।
ସେ ପାଦ ବେନି ଘେନିଣ ହରି ହୃଦୟତଟେ ନେଇ। କରେ ସୁବେଶ ମନେ ହରଷ ଅଲକ୍ତରସ ଦେଇ।

ହେ ସଖି ! ସେହି ରମଣୀର ନଖରୂପକ ମଣିଗଣଯୁକ୍ତ ଶୋଭାର ଭଣ୍ଡାର, ନବପଲ୍ଲବ ସଦୃଶ ପାଦ ଦୁଇଟିକୁ ଶ୍ରୀକୃଷ୍ଣ ନିଜ ହୃଦୟରେ ଲଗାଇ, ତା'ର ବହିଃଶୋଭା ବୃଦ୍ଧି ନିମିତ୍ତ ସେଥିରେ ଅଳତା ଲଗାଇଦେଉଛନ୍ତି। ଅଥବା ଶ୍ରୀକୃଷ୍ଣଙ୍କ ହୃଦୟରେ ସ୍ୱୟଂ ଲକ୍ଷ୍ମୀ ବିଜେ କରିଛନ୍ତି ଏବଂ ସେହି ହୃଦୟ କୌସ୍ତୁଭନାମକ ମଣିରେ ଅଳଙ୍କୃତ ହୋଇଛି। ଏପରି ଏକ ମହନୀୟ ହୃଦୟରେ ଛାର ଗୋପାଙ୍ଗନାର ପାଦକୁ ଲଗାଇ, ଶ୍ରୀକୃଷ୍ଣ ସେ ପାଦଯୁଗଳର ଶୋଭାବର୍ଦ୍ଧନ ନିମିତ୍ତ ଅଳତା ଲଗାଇଦେଉଛନ୍ତି।

*He applies a coat of sanguine lac on her leaf-soft feet having pearl-like nails and places them on His chest, which is goddess Laksmi's rightful abode.*



ରମୟତି ସୁଭୃଶଂ କାମପି ସୁଦୃଶଂ ଖଳୁ ହଳଧର-ସୋଦରେ।
କିମଫଳମବସଂ ଚିରମିହ ବିରସଂ ବଦ ସଖି ବିଟପୋଦରେ।

| | |
|---|---|
| ନିଶ୍ଚୟ ଧାନ କରି ସମାନ ରମୁଛି ଯାକୁ ଘେନ। | ଧନ୍ୟ କାମିନୀ ରମଣୀମଣି ମୋହିନୀ ସୁଲୋଚନୀ। |
| କହ ସଜନି ! ବଚନ ଘେନି ସାନୁଜ ହଳଧର। | ବିଫଳେ କି କେ ବସିବି ଲତାଗହଳ ତରୁତଳ। |

ହେ ସଖି, ଖଳହଳଧରଙ୍କ ଭାଇ ଶ୍ରୀକୃଷ୍ଣ ସୌଭାଗ୍ୟବତୀ ସେହି କାମିନୀର ଅଙ୍ଗପ୍ରତ୍ୟଙ୍ଗରେ ଅଳଙ୍କାର ପିନ୍ଧାଇ ସାରିବା ପରେ ପୁଣି କାମାସକ୍ତ ହୋଇଉଠିଥିବେ। ତେଣୁ ସେ ସେହି ଗୋପାଙ୍ଗନା ସହିତ ପୁଣି ରତିକେଳିରେ ମାତିଥିବେ। ତେଣୁ ମୁଁ କାହିଁକି ବୃଥାଟାରେ ଏହି ବୃକ୍ଷପୂର୍ଣ୍ଣ ଭୟଙ୍କର ବନ ମଧ୍ୟରେ ଆଉ ଅଧିକ କାଳ ପ୍ରତୀକ୍ଷା କରି ରହିବି?

(ଶ୍ରୀକୃଷ୍ଣ ଗୋଟିଏ ହଳିଆ ମୂର୍ଖର ଭାଇ ହୋଇଥିବାରୁ, ତା'ର ହିତାହିତ ଜ୍ଞାନ ନାହିଁ। ନୋହିଲେ ସେ ମୋ'ପରି ଗୋଟିଏ ରସବତୀ, ପୂର୍ଣ୍ଣଯୌବନା ଓ ଅନୁରାଗିଣୀ ରମଣୀକୁ ଛାଡ଼ି ଆଉ କେଉଁ କାମିନୀ ସହିତ ରତିକେଳିରେ ମାତିଥାଆନ୍ତା? ତେଣୁ ମୁଁ ଆଉ କାହିଁକି ବୃକ୍ଷଗହଳ ଏହି ଲତାକୁଞ୍ଜରେ ବ୍ୟର୍ଥରେ ବସି ତାକୁ ପ୍ରତୀକ୍ଷା କରିବି?)

*O dear! Why should I spend my time in forest bowers in wasteful frustration when this fickle brother of Haḷadhara is enjoying Himself with charming-eyed ones.*

ଇହ ରସ-ଭଣନେ କୃତ-ହରି-ଗୁଣନେ ମଧୁରିପୁ-ପଦ-ସେବକେ।
କଳିଯୁଗ-ଚରିତଂ ନ ବସତୁ ଦୁରିତଂ କବିନୃପ-ଜୟଦେବକେ।

| | |
|---|---|
| ସୁଜନମତି ଘେନି ଏ ନୀତି କବିଙ୍କ ନୃପବର। | ମଧୁରିପୁର ପାଦ ହୃଦର ଭକତି ଭାବେ ଯାର। |
| ଶ୍ରୀଜୟଦେବ ହରିସେବକ ଶ୍ରୀକୃଷ୍ଣରସ କହି। | କଳିଯୁଗର ପାତକ ଘୋର ଆଶ୍ରେ ନକଲେ ଯାଇ। |

ଶ୍ରୀରାଧାକୃଷ୍ଣଙ୍କ ରାସଲୀଳା ବର୍ଣ୍ଣନରେ ଧୁରନ୍ଧର, ଶ୍ରୀହରିଙ୍କ ଗୁଣଗାନରେ ସୁରସିକ ଶ୍ରୀମଧୁସୂଦନ କୃଷ୍ଣଙ୍କ ପଦସେବକ କବିରାଜ ଜୟଦେବଙ୍କୁ ଏହି କଳିଯୁଗ ଚରିତ ଯେଉଁ ପାପସମୂହ ସ୍ପର୍ଶ ନକରୁ।

*Let the sins of Kaḷiẏuga, the dark age, be dispelled with the singing of this delightful song full of accounts of Mari's excellence by Jaẏadeva. the king of poets who always worships at the feet of Madhu's foe.*



*ନାୟାତଃ ସଖି ନିର୍ଦୟୋ ଯଦି ଶଠସ୍ତ୍ୱଂ ଦୂତୀ କିଂ ଦୂୟସେ।*
*ସ୍ୱଚ୍ଛନ୍ଦଂ ବହୁ-ବଲ୍ଲଭଃ ସ ରମତେ କିଂ ତତ୍ର ତେ ଦୂଷଣମ୍।*
*ପଶ୍ୟାଦ୍ୟ ପ୍ରିୟ-ସଂଗମାୟ ଦୟିତସ୍ୟାକୃଷ୍ୟମାଣଂ ଗୁଣୈ-*
*ରୁତ୍କଣ୍ଠାର୍ତ୍ତି-ଭରାଦିବ ସ୍ଫୁଟଦିଦଂ ଚେତଃ ସ୍ୱୟଂ ଯାସ୍ୟତି।*

---

ନଇଲା ସଖି ! ଯେବେ ନିର୍ଦ୍ଦୟ ଶଠ ସେ ମଧୁହାରୀ। କି କେ ବିଅର୍ଥେ ଦୂଷଣ ତୋତେ ଦେବି ଗୋ ସହଚରି।
ସୁଖରେ ଅତି ପ୍ରୀତିବଶରେ ବହୁ ରମଣୀ ମେଳେ। କ୍ରୀଡ଼ଇ ଯେହୁ ନ ଆସେ ଯଦି କି ଦୋଷ ତେବେ ତୋରେ।
ତା' ଗୁଣ ଗୁଣି ରହିଛି ପୁଣି ଚିତ୍ତ ମୋ' ପ୍ରୀତିଭରେ। ବିଦାରି ହୃଦ ଯିବ ତା' ପାଶେ ଦେଖିବୁ ନୟନରେ।

---

ହେ ସଖି ! ସେ ନିର୍ଦ୍ଦୟ ଶଠ ଶ୍ରୀକୃଷ୍ଣ ଯଦି କଣ୍ଟ ଦେଇ ଆସିଲେ ନାହିଁ; ଏଥିରେ ତୋର ଦୋଷ କେଉଁଠି ରହିଲା ? ଆଉ ମଧ ତୁ ଦୁଃଖ କରୁଛୁ କାହିଁକି ? ସେ ମନଇଚ୍ଛାରେ ବହୁରମଣୀଙ୍କ ମେଳରେ କ୍ରୀଡ଼ା କରୁଛନ୍ତି। ଏଥିରେ ମୁଁ ତୋତେ ଦୋଷ ଦେବି କାହିଁକି ? ମୁଁ ମୋର ପ୍ରାଣପ୍ରିୟ କାନ୍ତ ଶ୍ରୀକୃଷ୍ଣଙ୍କ ଗୁଣରେ ମୁଗ୍ଧହୋଇ ତାଙ୍କ ସହିତ ରତିକେଳି କରିବା ପାଇଁ ଅତ୍ୟନ୍ତ ଆକୁଳ ହେଉଛି। ମୋ' ହୃଦୟରେ ତାଙ୍କ ପ୍ରତି ଯେଉଁ ପ୍ରେମ, ତାହା ଉତ୍କଣ୍ଠାର ସହିତ ପ୍ରତୀକ୍ଷା କରି ରହିଛି। ତେଣୁ ତୁ ଆଜି ଦେଖିବୁ, ମୋ' ଚିତ୍ତ ଉତ୍କଣ୍ଠାରେ ଆକୁଳ ହୋଇ ନିଶ୍ଚୟ ତାଙ୍କ ନିକଟକୁ ସ୍ୱୟଂ ଚାଲିଯିବ। (ଅର୍ଥାତ୍ ଶ୍ରୀକୃଷ୍ଣଙ୍କ ବିରହରେ ଆଜି ମୋର ମୃତ୍ୟୁ ସୁନିଶ୍ଚିତ।)

---

*Oh Sakhi ! if that pitiless cheat does not come after promising, why should you feel guilty? He dalliances, without restraint, with many women, How can it be your fault? Look at me; being attracted by his endless traits my mind filled with pains due to anxiety for union with Him is opening up spontaneously and running to His-self.*

# ସପ୍ତମ ସର୍ଗ - ୪ର୍ଥ ଗୀତ



*ଅନିଳ-ତରଳ-କୁବଳୟ-ନୟନେନା।*
*ତପତି ନ ସା କିଶଳୟ-ଶୟନେନା।*
*ସଖି! ଯା ରମିତା ବନମାଳିନା।। ଧ୍ରୁବଂ।*

ଯେବଣ ବାଳୀ ବନମାଳୀରେ କରିଛି କେଳିରସ। ମଧୁପବନ ଚହନ୍ତେ ଘନ ନ ପାଅଇ ସେ ତ୍ରାସ।
ନବପଲ୍ଲବ ଶେଯ ଉପରେ କୁବଳୟ ନୟନୀ। ନିଷ୍ପ୍ରାଣ ହୋଇ ନିଦ୍ରା ନ ଯାଇ ଥାଇ ନା ସୁବୋଧିନୀ।

ପବନରେ ପ୍ରକମ୍ପିତ ନୀଳକମଳ ସଦୃଶ ଚଞ୍ଚଳ ନେତ୍ରଯୁଗଳ ଯାହାଙ୍କ ମୁଖମଣ୍ଡଳରେ ଶୋଭାପାଉଛି, ସେହି ବନମାଳାଧାରୀ ଶ୍ରୀକୃଷ୍ଣଙ୍କ ସହିତ ଯେଉଁ ସୌଭାଗ୍ୟବତୀ ତରୁଣୀ କାମକେଳିରେ କାଳ ବିତାଇଛି; ସେ କେବେହେଲେ ନବପଲ୍ଲବଶଯ୍ୟାରେ ଶୋଇ ବିରହତାପରେ ଦଗ୍‌ଧ ହେଉନାହିଁ। ଅଥବା - ପବନରେ ଆନ୍ଦୋଳିତ ନୀଳକମଳ ସଦୃଶ ଯାହାଙ୍କର ନେତ୍ରଯୁଗଳ ଅତ୍ୟନ୍ତ ଚଞ୍ଚଳ, ସେହି ଶ୍ରୀକୃଷ୍ଣଙ୍କ ସହିତ ଯେଉଁ ନାରୀ ଥରେ ମାତ୍ର କାମକେଳିରେ ରସସିକ୍ତା ହୋଇଥିବ, ସେ ମୋ'ରି ପରି ତାଙ୍କ ବିରହରେ କୋମଳ ପତ୍ରଶଯ୍ୟାରେ କ'ଣ ବିରହତାପ ଅନୁଭବ କରୁନଥିବ ? ନିଶ୍ଚୟ ଅନୁଭବ କରୁଥିବ।

*The woman who enjoys Banamāḷī's company now, whose eyes flirt like night lilies in the wind, might never know how even the bed offender shoots burn during desertion.*



*ବିକଶିତ-ସରସିଜ-ଲଳିତ-ମୁଖେନ।*
*ସ୍ଫୁଟତି ନ ସା ମନସିଜ-ବିଶିଖେନ।*

ନବବିକଚ ନଳୀନଳଞ୍ଚ ଲାବଣ୍ୟଶୋଭା ମୁଖା। ଯେବଣ ବାମା ଲଭିଲା ସେହୁ କାହୁଁ ତାହାର ଦୁଃଖା।
ମନସିଜର କଠିନ ଶର ନ ଭେଦଇ ତା' ଅଙ୍ଗ। ରସଜଳଧି ଲଭିଲା ବାମା ହରିର ଅଙ୍ଗ ସଙ୍ଗ।

ପ୍ରସ୍ଫୁଟିତ ପଦ୍ମଫୁଲ ପରି କାନ୍ତ ତଥା କୋମଳ ମୁଖ ଯାହାର, ଏପରି ଯେଉଁ ଶ୍ରୀକୃଷ୍ଣ, ତାଙ୍କ ସହିତ ରତିକେଳିରେ ମଜ୍ଜିଥିବା ସେହି ଗୋପକାମିନୀ, ସେ କ'ଣ ମୋ' ପରି କାମବାଣରେ ପୀଡ଼ିତା ହୋଇ ଦୁଃଖ ସହୁଥିବ ! ସେହି କାମିନୀ କାମସୁନ୍ଦରଙ୍କୁ ପାଇ ଆନନ୍ଦରେ ତାଙ୍କ ସହିତ ରତିକେଳିରେ ମାତିଥିବ !

*With a charming face, like the full-bloomed lotus,*
*she does not get hurt by the lotus-tipped arrows of God of love.*

*ଅମୃତ-ମଧୁର-ମୃଦୁତର-ବଚନେନ।*
*ଜ୍ୱଳତି ନ ସା ମଳୟଜ-ରଚନେନ।*

ଅମୀୟ ମୃଦୁ ମଧୁରତର ବଚନ ପଦ୍ମପାଣି। ରମିଲା ଯେଉଁ ନାଗରୀନାରୀ ତରୁଣୀ ରତ୍ନମଣି।
ଚନ୍ଦନଘନ କଲେ ଲେପନ ନ ତାପଇ କା କାୟେ। କୃଷ୍ଣର କରକମଳ ଲାଗି ଶୀତଳ କାହିଁ ନୋହେ।

ହେ ସଖି, ଅମୃତତୁଲ୍ୟ ମଧୁମୟ ତଥା କୋମଳ ବଚନ କହିବାରେ ଧୁରନ୍ଧର ସେହି ଶ୍ରୀକୃଷ୍ଣଙ୍କ କ୍ରୀଡ଼ାରସରେ ମାତି ସେହି ସୌଭାଗ୍ୟଶାଳିନୀ ଗୋପକାମିନୀ କ'ଣ ମୋ' ପରି ଶରୀରରେ ଚନ୍ଦନ ବିଲେପନ କରି ମଧ କାମପୀଡ଼ିତା ହୋଇ ଅଶେଷ କଷ୍ଟ ଅନୁଭବ କରୁଥିବ ? ସେ ପ୍ରାଣପ୍ରିୟଙ୍କ ଚନ୍ଦନଶୀତଳତର ଅଙ୍ଗ ସ୍ପର୍ଶକରି କାମବାଣକୁ ଭ୍ରୂକ୍ଷେପ କରୁନଥିବ।

*Application of sandle paste does not scorch her, who enjoys the nectareous,*
*sweet and subtle talks of Banamāḷī*



*ସ୍ଥଳ ଜଳରୁହ-ରୁଚି-କର-ଚରଣେନା।*
*ଲୁଠତି ନ ସା ହିମକର-କିରଣେନା।*

ଅମଳ ସ୍ଥଳକମଳ ଶୋଭା କରଚରଣ ଯା'ର। ସେ ହରି ଯାକୁ ରମଣ କରେ ଖେଦ ନାହିଁ ତାହାର।
ହିମକରର କିରଣେ ତନୁ ନ ଦହଇ ଯେ ତା'ର। ମୋହର ପ୍ରାୟେ ହୋଇଣ କାୟେ ନ ଲୁଠଇ ଭୂମିର।

ସ୍ଥଳକମଳ ସଦୃଶ ଅତ୍ୟନ୍ତ ମନୋହର ତଥା କୋମଳ କର ଓ ପାଦ ଯାହାଙ୍କର, ସେହି ଶ୍ରୀକୃଷ୍ଣଙ୍କୁ ଅଙ୍ଗସଙ୍ଗୀ ରୂପେ ପାଇ କ୍ରୀଡ଼ାରସରେ ନିମଜ୍ଜିତା ସେହି ଭାଗ୍ୟବତୀ ରମଣୀମଣିଙ୍କୁ, ମୋ' ପରି, ଚନ୍ଦ୍ରକିରଣ କେବେହେଲେ ପୀଡ଼ା ଦେଉନଥିବ ? ମନୋବାଞ୍ଛିତ ପ୍ରିୟଙ୍କୁ ପାଇବା ପରେ ଚନ୍ଦ୍ରକିରଣ ତା' ପକ୍ଷରେ ସୁଖକର ତଥା ଆନନ୍ଦଦାୟକ ହୋଇଥିବ।

*His hands and feet gleam like land-lolus blossoms.*
*The cold rays of the moon can't make her writhe in pain.*

*ସଜଳ-ଜଳଦ-ସମୁଦୟ-ରୁଚିରେଣା।*
*ଦଳତି ନ ସା ହୃଦି ବିରହଭରେଣା।*

ସଜଳଜଳଧର ସୁନ୍ଦର ଯେବଣ ନରହରି। ତାହାକୁ ଘେନି ଯେଉଁ କାମିନୀ ରତିବିନୋଦ କରି।
ବିରହଭର ବାଧା ତାହାର ନାହିଁ ତ ଆନ କିଛି। ହୃଦୟ ଦଳି ଅତି ବିକଳି ନୁହଇଁ ତ ମୃଗାକ୍ଷୀ।

ଜଳପୂର୍ଣ୍ଣ ନବୋଦିତ ଜଳଧର ସଦୃଶ ଶରୀରର କାନ୍ତି ଯାହାଙ୍କର, ଏମନ୍ତ ଯେଉଁ କନ୍ଦର୍ପ ତୁଲ୍ୟ ସୁନ୍ଦର ଶ୍ରୀକୃଷ୍ଣ, ତାଙ୍କ ସହିତ ଯେଉଁ ମନୋହାରିଣୀ ଗୋପକାମିନୀ କ୍ରୀଡ଼ା କରୁଛି, ସେ କ'ଣ କେବେହେଲେ ମୋ'ପରି ବିରହରେ ଉଚ୍ଛନ୍ନ ହେଉଥିବ? କାରଣ ନବଜଳଧରସୁନ୍ଦର ତନୁ ଶ୍ରୀକୃଷ୍ଣଙ୍କୁ ଶଯ୍ୟାସଙ୍ଗୀ କରିପାରିଲେ କା'ର ହୃଦୟ ବିରହପୀଡ଼ାରେ ବିଦଳିତ ହେବ କାହିଁକି?

*Having the company of He who glistens like rain-heavy thunderheads,*
*she won't suffer the pang of desertion.*



*କନକ-ନିକଷ-ରୁଚି ଶୁଚି-ବସନେନ।*
*ଶ୍ୱସିତି ନ ସା ପରିଜନ-ହସନେନ।*

ବାହଜନକ ପ୍ରାୟକ ସଖି ! ବସନ କାନ୍ତି ଯା'ର।    ସେ ମଧୁରିପୁ ରମେ ଯାହାକୁ ମହିମା ଅତି ତା'ର।
ସଖୀଜନଙ୍କ ଉପହାସରେ ତାପ ସେ ନ ପାଅଇ।    ଶ୍ୱାସପବନତେଜି ସଘନ ବିମନା ସେ ନ ହୋଇ।

କଷଟି ପଥରରେ କଷାଯାଇଥିବା ସରସ ସୁବର୍ଣ୍ଣ ପରି ପରିମଳପୀତାମ୍ବରଧାରୀ ଶ୍ରୀକୃଷ୍ଣଙ୍କ ସହିତ କାମକେଳିରେ ମଗ୍ନ ସେହି ଗୋପତରୁଣୀକୁ ସଖୀମାନଙ୍କ ପରିହାସ ସହ୍ୟ କରିବାକୁ ପଡୁନଥିବ ! କାନ୍ତ ସହିତ ଚିରସୁଖରେ ବିଳାସ କରୁଥିବା ସେହି ତରୁଣୀର ସୌଭାଗ୍ୟକୁ ସଖୀଜନମାନେ ନିଶ୍ଚୟ ପ୍ରଶଂସା କରୁଥିବେ। ସେ କେବେହେଲେ ମୋ' ପରି ସଖୀମାନଙ୍କଦ୍ୱାରା ଉପହସିତା ହୋଇ ଦୀର୍ଘଶ୍ୱାସ ଛାଡୁନଥିବ !

*His bright golden cloth shines on His black touchstone like body.*
*She won't be hurt by mocking friends.*

*ସକଳ-ଭୁବନ-ଜନ-ବର-ତରୁଣେନ।*
*ବହତି ନ ସା ରୁଜମତିକରୁଣେନ।*

ସର୍ବଭୁବନେ ଯେତେକ ସଖି ! ଯୁବା ପୁରୁଷମାନ।    ସବୁରି ବର ସେ ବେଣୁଧର ସମାନ ନାହିଁ ଆନ।।
ତାହାର ସଙ୍ଗ କ୍ରୀଡ଼ାର ରଙ୍ଗ କଲାକ ଯେଉଁ ନାରୀ।    ନ ବହଇ ସେ ମନେ ବିମନା କାରୁଣ୍ୟଭରେ ବରି।।

ସକଳ ଭୁବନ ମଧ୍ୟରେ ସର୍ବଶ୍ରେଷ୍ଠ ଗୁଣବାନ୍ ତରୁଣ ଶ୍ରୀକୃଷ୍ଣଙ୍କ ସହିତ ଯେଉଁ ସୌଭାଗ୍ୟବତୀ ଆଭୀର ଯୁବତୀ ବିହାର କରୁଛି, ସେ କାମପୀଡ଼ାରେ ପୀଡ଼ିତା ହୋଇ କରୁଣଦଶା ଭୋଗୁଥିବ କାହିଁକି? ମୁଁ ସେହି ତ୍ରିଭୁବନସୁନ୍ଦରଙ୍କ ବିରହରେ ସନ୍ତପ୍ତା ହୋଇ ଯେଉଁ ଦୁଃଖ ଭୋଗୁଛି, ସେ କେବେହେଲେ ସେପରି କଷ୍ଟ ପାଉନଥିବ।

*How can she feel the pain of pity when she is loved*
*by the most illustrious Youth in the entire universe?*



*ଶ୍ରୀଜୟଦେବ-ଭଣିତ-ବଚନେନ।*
*ପ୍ରବିଶତୁ ହରିରପି ହୃଦୟ-ମନେନ।*

ଜୟଦେବଙ୍କ ରଚିତ ଏହି ଶ୍ରୀହରିରସ ଗୀତ।
ସୁଜନଜନ ହୃଦପଦ୍ମରେ ହରି ହୁଅନ୍ତୁ ସ୍ଥିତ।
ସୁଜନଜନ କର ଗାୟନ ପାତକ ନାଶ ଯାଉ।
ରାଧାକୃଷ୍ଣଙ୍କ ଚରଣେ ଧ୍ୟାନ ଜନ୍ମଜନ୍ମାନ୍ତେ ରହୁ।

କବିରାଜରାଜ ଶ୍ରୀଜୟଦେବଙ୍କ ରଚିତ ଏହି ବଚନ ସମୁଦାୟ ଶ୍ରବଣ, ପଠନ ଓ ମନନ କରିବା ଫଳରେ ଦୁଃଖହରଣକାରୀ ଶ୍ରୀକୃଷ୍ଣ ଭକ୍ତଜନମାନଙ୍କ ହୃଦୟରେ ପ୍ରବେଶକରନ୍ତୁ।

*May Hari pervade Your heart through these words of Jaẏadeva.*

*ମନୋଭବାନନ୍ଦନ ଚନ୍ଦନାନିଳ ପ୍ରସୀଦ ରେ ଦକ୍ଷିଣ ମୁଞ୍ଚ ବାମତାମ୍*
*କ୍ଷଣଂ ଜଗତ୍-ପ୍ରାଣ ବିଧାୟ ମାଧବଂ ପୁରୋ ମମ ପ୍ରାଣହରୋ ଭବିଷ୍ୟସି।*

ଶୁଣ ଚନ୍ଦନ ପବନ ମୋର ଅତିବିନୟ ଘେନ।
ମନସିଜର ଆନନ୍ଦକର ହୁଅସି ପରସନ୍ନ।
ଛାଡ଼ସି ବକ୍ରଭାବ ତୋହର ଚିତ୍ତେ ନ ଧର ଆନ।
ଜଗତେ ଖ୍ୟାତ ଦକ୍ଷିଣବାତ ମୋ' ପାଇଁ କି କେ ବାମ।
କ୍ଷଣମାତ୍ରକେ ମୋର ଅଗ୍ରତେ ମାଧବ ବେଳେ ଆଣ।
ପଛେ ତୋହର ଯେମନ୍ତ ଇଚ୍ଛା ଘେନସି ମୋର ପ୍ରାଣ।
ଜଗତଜୀବ-ଜୀବନ ତୁ ଯେ ସବୁରି ହୃଦେ ଥାଉ।
ଏ ମୋର ଅତି ବିରହଗତି କୃଷ୍ଣେ କି କେ ନ କହୁ।

ହେ ଜଗତ୍ପ୍ରାଣ ଦକ୍ଷିଣ ପବନ, ତୁମେ କାମଦେବଙ୍କର ଆନନ୍ଦବର୍ଦ୍ଧନକାରୀ ରୂପେ ପ୍ରସିଦ୍ଧି ଅର୍ଜନ କରିଛ ଏବଂ ଚନ୍ଦନବନର ସଂସ୍ପର୍ଶରେ ଅତ୍ୟନ୍ତ ଶୀତଳ ହୋଇଛ। ମୋ' ପରି ଗୋଟିଏ ସାମାନ୍ୟ ଅବଳାଜନ ପ୍ରତି କୋପ ତ୍ୟାଗକରି ଦୟା ପ୍ରଦର୍ଶନ କର। ତୁମେ କ୍ଷଣକାଳ ପାଇଁ ପ୍ରାଣବଲ୍ଲଭ ମାଧବଙ୍କ ସହିତ ମୋର ମିଳନ କରାଇବା ପରେ, ମୋ' ପ୍ରାଣ ନେବାକୁ ଉଦ୍ୟତ ହେଲେ ସୁଦ୍ଧା ମୁଁ ତିଳେ ହେଲେ ଆପତ୍ତି କରିବିନାହିଁ। କାରଣ ମନୋବାଞ୍ଛିତ ଫଳ ପ୍ରାପ୍ତି ହେବା ପରେ ଏ ଜୀବନ ପ୍ରତି ମୋର ମୋହ ରହିବ ନାହିଁ। କିନ୍ତୁ ତା' ପୂର୍ବରୁ ତୁମେ ମୋ' ପ୍ରତି ଦୟା ପ୍ରଦର୍ଶନ କର।

*Oh sands scented southerly cool breeze! The bestower of pleasure in all hearts, be kind and for give me for my opposite feelings of pain. You are the sustainer of life in this universe. Please bring Mādhava to my fore for a moment and there after you may take away my life.*



*ରିପୁରିବ ସଖୀ-ସମ୍ବାସୋଽୟଂ ଶିଖୀବ ହିମାନିଳୋ*
*ବିଷମିବ ସୁଧା-ରଶ୍ମିର୍ଯସ୍ମିନ୍ ଦୁନୋତି ମନୋଗତେ।*
*ହୃଦୟମଦୟେ ତସ୍ମିନ୍ନେବଂ ପୁନର୍ବଳତେ ବଳାତ୍*
*କୁବଳୟଦୃଶାଂ ବାମଃ କାମୋ ନିକାମ-ନିରଙ୍କୁଶଃ।*

ଶୁଣ ସଜନି ! କହଇ ବାଣୀ ଏ ବନେ ମୋତେ ଆଣି।
ଦେଲେ କଦନ ଦହେ ମଦନ ସେ ଶଠ ବେଣୁପାଣି।
ହିମଶିଶିର ବହନ୍ତେ ଧୀର ଅନଳ ଶିଖା ଜାଣି।
ସୁଧାକିରଣ ଅତି ତୀକ୍ଷଣ ଗରଳ ପ୍ରାୟେ ମଣି।
ଅତି ଉନ୍ନତ ଏ ମନୋରଥ ନୁହଇଁ ନିବାରଣ।
ଦୁର୍ନ୍ନୟ କରି ମନ ମୋହର ଦହୁ ଅଛଇ ପ୍ରାଣ।
ନିଷ୍ଠୁର ମତି ସେ ଗୋପୀପତି ନିର୍ଦ୍ଦୟ ହୃଦ ଯା'ର।
ତା'ର ତହିଁକି ବଳେଟି ଚିତ୍ତ ନେଉଛି ଟାଣି ମୋର।
କାମିନୀଜନେ ଅତି କଦନେ ମାରଇ ନିତି ମାର।
ତା' ପଞ୍ଚଶର ଅତି କଠୋର ସହିବ ବଳ କା'ର।

ହେ ସଖି ! ଶ୍ରୀକୃଷ୍ଣଙ୍କ ବିରହରେ ମୋ' ପ୍ରାଣ କିପରି ଅଥୟ ତଥା ଅଧୀର ହେଉଛି ଶୁଣ। ଏ ସମୟରେ ପ୍ରିୟସଖୀମାନଙ୍କ ସହିତ ଆଳାପ ଆଲୋଚନା ଶତ୍ରୁତାପୂର୍ଣ୍ଣ କଥାବାର୍ତ୍ତା ପରି ମନେହେଉଛି। ମୃଦୁମନ୍ଦ ମଳୟପବନ ଅଗ୍ନି-କଣିକା ପରି ବୋଧହେଉଛି। ଅତ୍ୟନ୍ତ ଶୀତଳ ତଥା ସୁଖଦ ଚନ୍ଦ୍ରକିରଣ ବିଷଜ୍ୱାଳା ପରି ଲାଗୁଛି। ତା' ଫଳରେ ମୋ' ଶରୀର ବିରହତାପରେ ଦଗ୍‌ଧ ହେଉଛି। ଶ୍ରୀକୃଷ୍ଣଙ୍କ ବିରହରେ ମୋ' ଶରୀର ଏତେ ସରି ହେଲେ ମଧ ତାଙ୍କରି ସହିତ ମିଳିତ ହେବା ଲାଗି ମୋ' ମନ ବାରମ୍ବାର କାମନା କରୁଛି। ପ୍ରିୟତମ ଶ୍ରୀକୃଷ୍ଣଙ୍କର ଦୟାହୀନତା ସତ୍ତ୍ୱେ, ତାଙ୍କୁ ପାଇବା ପାଇଁ ମନ କୌଣସିମତେ ଆୟତ୍ତରେ ରହୁନାହିଁ। ଏଥିରୁ ମନେହେଉଛି - ନୀଳକଇଁ ସଦୃଶ ଚକ୍ଷୁ ଯାହାଙ୍କର, ଏପରି ଯେଉଁ କାମିନୀମାନେ ସେମାନଙ୍କ ପ୍ରତି କାମଦେବଙ୍କର ନିରଙ୍କୁଶ ପ୍ରଭାବ ତଥା ନିଦାରୁଣ ବ୍ୟବହାର ଚିରକାଳରୁ ଆଧିପତ୍ୟ ବିସ୍ତାର କରି ଆସୁଛି।

*The congregation of friends appear as foes, the ice-cool breeze scorches like flames, the nectareous moon-beams burn like deadly poison, when the anguished mind deeply contemplates on Him. Similarly, the mind runs uncontrollably to Him, despite He being heartless. It is kāma (God of love), the tormentor of blue-eyed beauties, who has no restraint, forcefully engages the mind on Him.*



*ବାଧାଂ ବିଧେହି ମଳୟାନିଳ ପଞ୍ଚବାଣ*
*ପ୍ରାଣାନ୍ ଗୃହାଣ ନ ଗୃହଂ ପୁନରାଶ୍ରୟିଷ୍ୟେ।*
*କିଂ ତେ କୃତାନ୍ତ-ଭଗିନି କ୍ଷମୟା ତରଙ୍ଗୈ*
*ରଙ୍ଗାନି ସିଞ୍ଚ ମମ ଶାମ୍ୟତୁ ଦେହ-ଦାହଃ।*

ପ୍ରାଣଇ ପ୍ରାସ ମନେ ନିରାଶ ବୋଲେ ରମଣୀବର।
ଶୁଣ ମଳୟ ସମୀର ! ମୋର ତନୁ ଦହନ କର।
ମୀନକେତନ ! ତୋ’ ପଞ୍ଚବାଣ ମାରି ଜୀବନ ନାଶ।
ଯେମନ୍ତେ ମୋର ପୁଣ ଗମନ ନୁହଇ ନିଜ ବାସ।
କି କେ ଶମନଭଗ୍ନୀ କାଳିନ୍ଦୀ ଦୟା ତୋହର ଏତେ।
ତରଳତର ସଞ୍ଚିଣ ନୀର ଶୀତଳ କର ମୋତେ।
ଗୋବିନ୍ଦ ବିନୁ ଏ ମୋର ତନୁ ଧରିବି ଆଉ କାହିଁ।
ତାହାର ରତିକ୍ରୀଡ଼ା ବିଷରେ ଘାରୁଛି ମୋର ଦେହୀ।

ହେ ମଳୟ ପବନ ! ତୁମେ ମନଇଚ୍ଛା ଯେତେ ପାରୁଛ ମୋତେ ପୀଡ଼ାଦିଅ, ମୋର ଆଉ ତିଳେହେଲେ ଏ ପ୍ରାଣ ପ୍ରତି ମୋହ ନାହିଁ। ହେ କାମଦେବ ! ତୁମର ସମ୍ମୋହନ, ଉଚ୍ଚାଟନ, ଶୋଷଣ, ବିକ୍ଷୋଭଣ ଓ ଦହନ ନାମକ ପଞ୍ଚବାଣ ପ୍ରୟୋଗ କରି ମୋ’ ପ୍ରାଣ ବିନାଶ କର। ହେ କ୍ରୂର ଯମର ଭଉଣୀ ଯମୁନେ ! ତୁମେ ଆଉ ସ୍ଥିର ହୋଇ ରହିଛ କାହିଁକି? ମୁଁ ଏ ପୋଡ଼ାପ୍ରାଣ ଘେନି ଆଉ ଗୃହକୁ ବାହୁଡ଼ି ଯିବାକୁ ଚାହେଁନାହିଁ। ତେଣୁ ହେ କୃତାନ୍ତ-ଭଗିନୀ ଯମୁନେ ! ତୁମେ ମଧ୍ୟ ତୁମର ଉତ୍ତାଳ ତରଙ୍ଗମାଳାରେ ମୋର ବିରହଦଗ୍ଧ ଶରୀରକୁ ନିମଜ୍ଜିତ କରାଇ ମୋତେ ଚିରଶାନ୍ତି ଦିଅ। ମୁଁ ଆଉ ଦେହଦାହ ସହ୍ୟ କରୁପାରୁନାହିଁ।

*Torment me more, O wind from the sandal mountain. Take my life away O god of love with Your five arrows. For I don’t want to go back home for refuge. O Ẏamunā, the sister of Ẏama, the god of death, why should You be kind to me? Drench my body with Your waves. Let the burning in my body be quenched.*